THE SUNDAY SECTION OF NITIDIN



ମନୋରଞ୍ଜନ

ବଦଳିଲା ମୋନାଲିସାଙ୍କ ଲୁକ୍

ନିତିଦିନ NITIDIN

# ନଜର

୧୬ ପୃଷ୍ଠା

ରବିବାର ମ୍ୟାଗାଜିନ୍ | ରବିବାର, ୯ ମାର୍ଚ୍ଚ, ୨୦୨୫



# ସୁଭଦ୍ରା

# ସ୍ୱାମୀ ବିବେକାନନ୍ଦ ୨୯

■ ମନୋଜ କୁମାର ମହାପାତ୍ର



ଉକ୍ତ ପତ୍ରଟି ସ୍ୱାମିଜୀଙ୍କର ବିଶାଳ ମନ ଓ ହୃଦୟ କେମିତି ସଂକୀର୍ଣ୍ଣତାଠୁଁ ଊର୍ଦ୍ଧ୍ୱରେ ଥିଲା ସୂଚାଇ ଦିଏ। କାଶୀପୁର ଉଦ୍ୟାନ ବାଟୀରେ ଶ୍ରୀ ରାମକୃଷ୍ଣ ଯେଉଁଦିନ ନରେନ୍ଦ୍ରନାଥଙ୍କୁ ଲିଖିତ ଆଦେଶନାମା 'ନରେନ୍ଦ୍ର ଶିକ୍ଷା ଦେବ' ବୋଲି ବଢ଼ାଇ ଦେଇଥିଲେ, ନରେନ୍ଦ୍ର ତାଙ୍କୁ କହିଥିଲେ, 'ମୁଁ ସେସବୁ ପାରିବି ନାହିଁ।' ଶ୍ରୀ ରାମକୃଷ୍ଣ ତାଙ୍କୁ କହିଥିଲେ 'ତୁ କ'ଣ କରିବୁ ନାହିଁ - ତୋ ହାଡ଼ କରିବ।' ତାହାହିଁ ହେଲା, ଶ୍ରୀ ରାମକୃଷ୍ଣ ଯେହେତୁ ରାମକୃଷ୍ଣ ମହାନଗୁରୁ ଓ ଅବତାର ପୁରୁଷ, ତେଣୁ ତାଙ୍କର ଇଚ୍ଛା ଥିଲା ସମଗ୍ର ଜଗତର କଲ୍ୟାଣ। ସେଥିପାଇଁ ନରେନ୍ଦ୍ରଙ୍କୁ ଜୀବର ଦୁଃଖ ଦୂର କରିବା ପାଇଁ ବ୍ରତ ଦେଇଥିଲେ। ଭାରତବାସୀଙ୍କୁ କେବଳ ସେ ଶିକ୍ଷା ଦେବେ, ସେ କଥା ଲେଖିନଥିଲେ। ଆମେରିକାରେ ସାଧନାରତ ସ୍ୱାମୀ ବିବେକାନନ୍ଦ ଏହି ସତ୍ୟ ଆବିଷ୍କାର କରି ଜାଣିଲେ ଯେ ତାଙ୍କର ବ୍ରତଭୂମି ସମଗ୍ର ଜଗତ, ତାଙ୍କର ଶିକ୍ଷା ସମଗ୍ର ଜଗତ ପାଇଁ ଉଦ୍ଦିଷ୍ଟ। ଜୀବର ଦେବତ୍ୱ, ଅସ୍ତିତ୍ୱର ଏକତ୍ୱ, ଧର୍ମର ଏକ-କୈନ୍ଦ୍ରିକତ୍ୱ ଓ ମନୁଷ୍ୟର ଅପରାଜୟତ୍ୱ ବିଷୟରେ ସେ ଶିକ୍ଷାଦେଲେ। ବେଦାନ୍ତ ଯାହା ଜୀବକୁ ଶିବରେ ପରିଣତ କରେ ଏବଂ ଯୋଗ ଯାହାକୁ ସାଧନା କରି ଜୀବ ନିଜର ଦେବତ୍ୱକୁ ଅନୁଭବ କରିପାରି ମୁକ୍ତ ହୁଏ ତାହା ହିଁ ସେ ଶିକ୍ଷାଦେଲେ। ସେଠି ସଂକୀର୍ଣ୍ଣତା ଆସିବ କେଉଁଠୁ ?

ସ୍ୱାମିଜୀ ପାଶ୍ଚାତ୍ୟବାସୀଙ୍କୁ କେବଳ ବକ୍ତୃତା ଦେଲେ ନାହିଁ, ଯେଉଁ ବାକ୍ୟାତୀତ ଅମୂଲ୍ୟ ସମ୍ପଦ ଶ୍ରୀ ରାମକୃଷ୍ଣଙ୍କ ଠାରୁ ଲାଭ କରିଥିଲେ, ସେହି ଅମୂଲ୍ୟ ବସ୍ତୁକୁ ହିଁ ବକ୍ତୃତା ମାଧ୍ୟମରେ ମୁକ୍ତ ହସ୍ତରେ ଓ ଅକୁଣ୍ଠ ଚିତ୍ତରେ ସେ ଜଗତବାସୀଙ୍କୁ ଦାନ କଲେ।

ସ୍ୱାମିଜୀ ଭାରତ ପ୍ରତ୍ୟାବର୍ତ୍ତନ କରି କଲିକତା ନାଗରିକ ସମ୍ବର୍ଦ୍ଧନା ସଭାରେ କହିଥିଲେ, 'ଭ୍ରାତୃଗଣ ! ମୋର ଗୁରୁଦେବ, ମୋର ଆଚାର୍ଯ୍ୟ, ମୋ ଜୀବନର ଆଦର୍ଶ, ମୋର ଇଷ୍ଟ ଓ ମୋର ପ୍ରାଣର ଦେବତା ଶ୍ରୀ ରାମକୃଷ୍ଣ ପରମହଂସ ଆପଣମାନଙ୍କର ଓ ଆମ୍ଭମାନଙ୍କର ହୃଦୟର ଗଭୀରତମ ପ୍ରଦେଶକୁ ଝଂକୃତ କରିଛନ୍ତି। ଯଦି କାୟମନୋବାକ୍ୟରେ ମୁଁ କୌଣସି ସତ୍‌କାର୍ଯ୍ୟ କରିଛି, ଯଦି ମୋ ମୁଖରୁ ଏପରି କୌଣସି କଥା ବାହାରିଛି ଯାହାଦ୍ୱାରା ଜଗତର କୌଣସି ବ୍ୟକ୍ତି କିଛି ମାତ୍ର ଉପକୃତ ହୋଇଛି ସେଥିପାଇଁ ମୋର କୌଣସି ଗୌରବ ନାହିଁ, ତାହା ଶ୍ରୀ ରାମକୃଷ୍ଣଙ୍କର। ଯଦି କେବେ ମୋର ଜିହ୍ୱା କୌଣସି ଅଭିଶାପ ବର୍ଷଣ କରିଥାଏ, ଯଦି ମୋ ମୁଖରୁ କାହାପାଇଁ ଘୃଣାସୂଚକ ବାକ୍ୟ ନିର୍ଗତ ହୋଇଥାଏ, ତେବେ ସେସବୁ ମୋର, ତାଙ୍କର ନୁହେଁ। ଯାହାକିଛି ଦୁର୍ବଳ, ଯାହାକିଛି ଦୋଷଯୁକ୍ତ ସବୁହିଁ ମୋର। ଯାହାକିଛି ଜୀବନପ୍ରଦ, ଯାହାକିଛି ବଳପ୍ରଦ, ଯାହାକିଛି ପବିତ୍ର, ସକଳ ହିଁ ତାଙ୍କର ପ୍ରେରଣା, ତାଙ୍କର ବାଣୀ ଓ ସେ ନିଜେ।

ସ୍ୱାମିଜୀ ପ୍ରତ୍ୟାବର୍ତ୍ତନ କଲେ ଭାରତବର୍ଷକୁ। ସାଥିରେ ଆସିଛନ୍ତି କେତେଜଣ ପାଶ୍ଚାତ୍ୟ ଶିଷ୍ୟ। ଆମେରିକା ଯାତ୍ରା ପୂର୍ବରୁ ପରିବ୍ରାଜକ ଜୀବନରେ ରହିଥିବା ଅସ୍ଥିରତା ବର୍ତ୍ତମାନ ନାହିଁ। ସେ ଶାନ୍ତ ଓ ସ୍ଥିର। ଜୀବନର ଲକ୍ଷ୍ୟ ସମ୍ମୁଖରେ ଉଦ୍‌ଭାସିତ। ତାଙ୍କର ଚାଲିବାର ରାଜକୀୟ ଭଙ୍ଗୀ ସୂଚାଇ ଦେଉଥିଲା ଯେ ସେ ଅବିଚଳିତ ଓ ଅମୃତପଥର ଯାତ୍ରୀ। ଶିବଙ୍କର ଶିବତ୍ୱର ପୂର୍ଣ୍ଣ ପ୍ରକାଶନ। ପ୍ରେମ କରୁଣାର ମୂର୍ତ୍ତିମନ୍ତ ପ୍ରତୀକ। ଯିଏ ତାଙ୍କ ପାଖକୁ ଆସିଛି, କରୁଣା ପାନ କରି ଧନ୍ୟ ହୋଇଛି। ସ୍ୱୟଂ ଶିବ ସବୁରିଙ୍କ ଦୁଃଖ ହରଣ କରି ମୁକ୍ତିର ପଥ ଦେଖାଇଛନ୍ତି। ସେମାନଙ୍କ ମଧ୍ୟରେ ଗୋବିନ୍ଦ ଚେଟ୍ଟି ଥିଲେ ପ୍ରଥମ ବ୍ୟକ୍ତି। ସ୍ୱାମିଜୀଙ୍କର ଆଶୀର୍ବାଦରେ ତାଙ୍କର ଅନ୍ତିମ ଜୀବନ ରୂପାନ୍ତରିତ ହେଲା। କୁମ୍ଭକୋନ୍‌ମରେ ସ୍ୱାମିଜୀଙ୍କୁ ଯେତେବେଳେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଥିଲା, ସହସ୍ର ଜନତା ଭିତରେ ଗୋବିନ୍ଦ ଚେଟ୍ଟିଙ୍କୁ ଦେଖି ଚିହ୍ନିପାରିଲେ ଏବଂ ତାଙ୍କୁ ସାକ୍ଷାତ କରିବା ପାଇଁ କହିଲେ। ଏଠାରେ ସ୍ମରଣୀୟ ଯେ ପରିବ୍ରାଜକ ଜୀବନରେ ସ୍ୱାମିଜୀଙ୍କର ମାନ୍ଦ୍ରାଜ ଅବସ୍ଥାନ ସମୟରେ, ସେ ସ୍ୱପ୍ନ ଦେଖିଥିଲେ ଯେ ତାଙ୍କର ମାତା ସ୍ୱର୍ଗାରୋହଣ କରିଛନ୍ତି। ଏହି ସ୍ୱପ୍ନର ସତ୍ୟାସତ୍ୟ ଜାଣିବା ପାଇଁ ପ୍ରେତବିତ୍ ଗୋବିନ୍ଦ ଚେଟ୍ଟିଙ୍କ ସହ ପରାମର୍ଶ ଲୋଡ଼ିଥିଲେ। ଗୋବିନ୍ଦ ଚେଟ୍ଟି ପ୍ରେତବିଦ୍ୟାର ଶକ୍ତିବଳରେ ସ୍ୱାମିଜୀଙ୍କୁ ଆଶ୍ୱାସନା ଦେଇ କହିଲେ - ତାଙ୍କର ମାତା ସୁସ୍ଥ ଏବଂ ନିର୍ବିଘ୍ନରେ ବସବାସ କରୁଛନ୍ତି। ସ୍ୱାମିଜୀଙ୍କ ଆଦେଶ ଅନୁସାରେ, ଗୋବିନ୍ଦ ଚେଟ୍ଟି ସମ୍ବର୍ଦ୍ଧନା ସଭା ସମାପ୍ତ ପରେ ତାଙ୍କୁ ସାକ୍ଷାତ କଲେ। ସ୍ୱାମିଜୀ କହିଲେ - 'ମୁଁ ଜାଣେ ତୁମର ଆତ୍ମିକ ଶକ୍ତି ଅଛି, ଯଦ୍ଦ୍ୱାରା ତୁମେ ଧନ ଓ ସମ୍ମାନର ଅଧିକାରୀ ହେଇପାରିଛ। କିନ୍ତୁ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ତୁମେ ଯେଉଁଠି ଅଛ, ସେଇଠି ରହିଛ। ଈଶ୍ୱରଙ୍କ ନିକଟକୁ ଅଗ୍ରସର ହେଇପାରୁନ। ଥରେ ବିଭୁ କରୁଣା ଲାଭକଲେ, ତୁମେ ଜାଣିପାରିବ ଯେ ଇଯେସବୁ ଭୂତପ୍ରେତ ଶକ୍ତି ଅଳୀକ। ଏତକ କହି ସ୍ୱାମିଜୀ ଗୋବିନ୍ଦ ଚେଟ୍ଟିଙ୍କୁ ଆଲିଙ୍ଗନ କଲେ। ଆଶ୍ଚର୍ଯ୍ୟର ଘଟଣା ସେହି ଆଲିଙ୍ଗନ ସମୟରୁ ଗୋବିନ୍ଦ ଚେଟ୍ଟିଙ୍କର ସମସ୍ତ ମାନସିକ ଶକ୍ତି ଅନ୍ତର୍ଦ୍ଧାନ ହେଇଗଲା ଏବଂ ସେହି ସ୍ଥାନରେ ଈଶ୍ୱରଙ୍କ ପ୍ରତି ଅସୀମ ବିଶ୍ୱାସ ଭରିଗଲା ଗୋବିନ୍ଦ ଚେଟ୍ଟିଙ୍କ ହୃଦୟରେ। ସେ ତ୍ୟାଗକଲେ ସଂସାର। (କ୍ରମଶଃ)

ମୋ-୯୯୩୭୨୯୭୦୩୯

# କହୁ କବୀର ରହୁ ରାମ କେଁ ଅଂଶୁ

ତ୍ରିନାଥ ଓଝା

‘ଜମ ମୈଁ ଥା ତବ ହରି ନହିଁ, ଅବ ହରି ହେ ମୈଁ ନହିଁ।' କବୀର ମୋହ ମାୟାକୁ ଈଶ୍ୱର ପ୍ରାପ୍ତିର ପ୍ରତିବନ୍ଧକ ମାନିଛନ୍ତି। ମୋହରେ ପଡ଼ିଥିବା ବ୍ୟକ୍ତି ନିଜ କଥା ହିଁ ଭାବିଥାଏ। ବ୍ରହ୍ମ ପ୍ରାପ୍ତି ପାଇଁ ମୋହ ତ୍ୟାଗ କରିବାକୁ ପଡ଼ିବ। ମୋହର ଅନ୍ୟ ନାମ ଅଜ୍ଞାନ ଅଟେ। ମୋହ ଉତ୍ପତ୍ତିର ସ୍ଥାନ ମନ ଅଟେ। ସଂସାରର ମୋହ ମାୟା ପ୍ରତି ବିମୁଖ ରହିଲେ ଜଣେ ବ୍ୟକ୍ତି ଏହାଠାରୁ ବଞ୍ଚି ପାରିବ ବୋଲି କବୀରଙ୍କ ମତ। ସେ ଦିନ ପିଲାଟିର ମନ ଭାରି ଦୁଃଖ ଥିଲା। କାରଣ ତା'ସାଙ୍ଗ ରହିମ ଖେଳିବାକୁ ଆସି ନାହିଁ। ସେ ରହିମ ଘରକୁ ଗଲା। ତା' ମାଆଙ୍କ ଠାରୁ ଜାଣିବାକୁ ପାଇଲା, ରହିମ ଅସୁସ୍ଥ। ଏମିତି କି ସେ ମୃତ୍ୟୁ ସହ ସଂଗ୍ରାମ କରୁଛି। ରହିମର ଘର ଲୋକ କାନ୍ଦୁଥିବା ଦେଖି ପିଲାଟିର ମନ ଅଧିକ ବିଚଳିତ ହେଲା। ସେ ରହିମ ପାଖକୁ ଗଲା ଓ କହିଲା ‘ରହିମ ତୋର କ'ଣ ହୋଇଛି ? ତୁ କାହିଁକି ଶୋଇଛୁ ? ଉଠ ଦେଖ ମୁଁ ଆସିଛି'। ଏହା ଶୁଣି ରହିମ ଆଖି ଖୋଲିଲା ଓ ପିଲାଟିର ମୁହଁକୁ ଚାହିଁଲା। ଏଥିରେ ରହିମର ଦେହ ଅଧା ଭଲ ହୋଇଯାଇଥିଲା। ଏହାପରେ ପିଲାଟି ରହିମର ହାତକୁ ଜାବୁଡ଼ି ଧରିଲା। ଏହି ସମୟରେ ରହିମ ନିଜକୁ ସମ୍ପୂର୍ଣ୍ଣ ସୁସ୍ଥ ଅନୁଭବ କଲା, ଆଉ ବିଛଣାରୁ ଉଠି ଛିଡ଼ା ହେଲା। ଏମିତି ଆଶ୍ଚର୍ଯ୍ୟ ଘଟଣା ଦେଖି ରହିମ ନିକଟରେ ଥିବା ଲୋକଙ୍କ ମନରେ ସନ୍ଦେହ ନଥିଲା ଯେ ପିଲାଟି ସାଧାରଣ ପିଲା ନୁହେଁ, ବରଂ ସେ ପରମାତ୍ମାଙ୍କ ରୂପ।

ଏହି ଅସାଧାରଣ ଛୋଟ ପିଲାଟି ହେଉଛନ୍ତି ଭାରତୀୟ ଲୋକ ଚେତନାର ମହାନ ସୂତ୍ରଧର ତଥା ଜାତୀୟ ଏକତା ରୂପକ ଆଦର୍ଶ ସମାଜ ଗଠନକାରୀ। ସନ୍ନ୍ୟାସୀ ମଧ୍ୟରେ ଗୃହସ୍ଥ ଓ ଗୃହସ୍ଥଙ୍କ ମଧ୍ୟରେ ସନ୍ନ୍ୟାସୀ ଭାବେ ନିଜକୁ ପ୍ରମାଣିତ କରି ଯୁଗ ଯୁଗ ପାଇଁ ନିଜ ନାମକୁ ଚିର ଅମର କରିଯାଇଥିବା ସେହି ସନ୍ଥ ଶିରୋମଣି କବୀର ଦାସ।



ସମନ୍ୱୟବାଦ : କବୀର ଜାତି ପ୍ରଥା, ଛୁଆଁ ଅଛୁଆଁ ବାରଣ, କୂଳ, ଗୋତ୍ର, ବଂଶ ପରମ୍ପରାର ମର୍ଯ୍ୟାଦାକୁ ଗ୍ରହଣ କରୁ ନଥିଲେ। ତାଙ୍କ ମତରେ ଏସବୁ ଅବାନ୍ତର। କେବଳ ମଣିଷର ଚରିତ୍ର, ଆଚରଣ ହିଁ ତାର ଏକମାତ୍ର ସମ୍ବଳ ଓ ପରିଚୟ। କବୀର ସହଜପ୍ରେମ ଭକ୍ତି ମାର୍ଗରେ ସର୍ବଧର୍ମ ସମନ୍ୱୟର ଉଦାରଭାବ ଉପରେ ଗୁରୁତ୍ୱ ଦେଇଥିଲେ। ଦୟା, ପ୍ରେମ, ଭକ୍ତି, ଅହିଂସା, ସାଂପ୍ରଦାୟିକତା ଓ ଭେଦଭାବ ଶୂନ୍ୟତାରେ ହିଁ ଭଗବାନଙ୍କୁ ପ୍ରାପ୍ତ କରିହେବ। ଧର୍ମ ବିଭିନ୍ନ କିନ୍ତୁ ଭଗବାନ ଏକ। ଏହି ମତବାଦରେ ଉଭୟ ହିନ୍ଦୁ ଓ ମୁସଲମାନଙ୍କୁ ସେ ଏକ କରିପାରିଥିଲେ। ଈଶ୍ୱରଙ୍କୁ ପାଇବା ପାଇଁ ମୂର୍ତ୍ତିପୂଜା, ରୀତିନୀତି, ପ୍ରାର୍ଥନା, ନମାଜ, ଉପବାସ, ମକକା ଯାତ୍ରା ଆଦି ସମସ୍ତେ କରିଥାନ୍ତି। ହେଲେ କବୀର କହୁଥିଲେ ଏସବୁର କିଛି ଆବଶ୍ୟକତା ନାହିଁ। ସେ କହୁଥିଲେ ଭଗବାନ ହେଉଛନ୍ତି ନିରାକାର। ଈଶ୍ୱର ହେଉଛନ୍ତି ଏକ। ରାମ ଯିଏ ସିଏ ମଧ୍ୟ ଆଲ୍ଲା। ତାଙ୍କୁ ପାଇବା ପାଇଁ ହୃଦୟରେ ପ୍ରେମ ରହିବା ଆବଶ୍ୟକ।

ଜୀବନ ଦର୍ଶନ : କବୀର କିଛି ସ୍ୱତନ୍ତ୍ର ଜୀବନଶୈଳୀ ସମାଜ ପାଇଁ ଦିଗଦର୍ଶନ। ସେ ସର୍ବଦା ଭଗବାନଙ୍କୁ ପ୍ରାର୍ଥନା କରିଥିଲେ ଯେ ‘ସାଇଁ ଇତନା ଦିଯିୟେ, ଯା' ମେ କୁଟୁମ୍ ସମାୟ, ମୈଁ ଭି ଭୁଖା ନ ରହୁଁ, ସାଧୁ ନା ଭୁଖା ଯାୟ।' କବୀର ସାଧାରଣ ମଣିଷ ଭଳି ଈଶ୍ୱରଙ୍କୁ ନିଜ ପାଇଁ ଆବଶ୍ୟକତା ଠାରୁ ଅଧିକ ଧନ, ସୁଖ ମାଗି ନଥିଲେ। ସେ ପ୍ରାର୍ଥନା କରୁଥିଲେ, ହେ ଭଗବାନ ମୋତେ ଏତିକି ଦ୍ରବ୍ୟ ପ୍ରଦାନ କରନ୍ତୁ, ଯେଉଁଥିରେ ମୋର ପରିବାରର ପ୍ରତିପୋଷଣ କରିପାରିବି। ଯେମିତିକି ମୁଁ ଭୋକରେ ରହିବି ନାହିଁ କି ମୋ ଘରକୁ ଯିଏ ସାଧୁ ଆସିବେ, ସେମାନେ ମୋ ଦ୍ୱାରରୁ ଭୋକରେ ଫେରିବେ ନାହିଁ। ସେ ଜୀବନକୁ ଅତି ପାଖରୁ ଦେଖି ତାର ମହତ୍ତ୍ୱକୁ ଅନୁଭବ କରି କହିଥିଲେ, ‘ପାନୀ କେରା ବୁଦବୁଦା, ଅସ ମାନୁଷ କୀ ଜାତ, ଦେଖତ ହୀ ଛୁପ ଯାଏଗା, ଜ୍ୟୌ ତାରା ପରଭାତ।' ପାଣିରେ ଫୋଟକା ଯେମିତି ସଙ୍ଗେ ସଙ୍ଗେ ମିଳେଇ ଯାଏ, ସେହିପରି ମଣିଷ ଜୀବନ କ୍ଷଣସ୍ଥାୟୀ। ଆକାଶର ତାରାମାନଙ୍କ ପରି ମଣିଷ ଜୀବନ। ସକାଳ ହେଲା ମାତ୍ରେ ଆକାଶରେ ତାରାମାନେ ଉଭେଇ ଯାଆନ୍ତି। ସେହିପରି ସମୟ ସରିଲେ ମଣିଷ ଜୀବନ ଚାଲିଯାଏ।

**ଆବାହକ, ଚମ୍ପାନାରାୟଣ ଚାରିଟେବୁଲ ଟ୍ରଷ୍ଟ, ଧବଳେଶ୍ୱର ଗଡ଼ା, କଟକ,**
**ଦୂରଭାଷ :୯୨୩୮୬୦୨୮୨୫**
E-mail : trinath123ojha@gmail.com

ପ୍ରଚ୍ଛଦ ପ୍ରସଙ୍ଗ



# ସୁଭଦ୍ରା



ଜାନକୀଶ ବଡପଣ୍ଡା

ଗତ କାଲି ସମଗ୍ର ବିଶ୍ୱରେ ପାଳନ କରାଯାଇଛି ଆନ୍ତର୍ଜାତିକ ମହିଳା ଦିବସ । ଏହି ଅବସରରେ ଏକ କୋଟିରୁ ଊର୍ଦ୍ଧ୍ୱ ଭଉଣୀମାନଙ୍କୁ ପ୍ରତିଶ୍ରୁତି ପାଳନକରି ବହୁଚର୍ଚ୍ଚିତ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ମଧ୍ୟ ପ୍ରଦାନ କରିଛନ୍ତି ଲୋକଙ୍କ ସରକାର । ନିର୍ବାଚନ ପୂର୍ବରୁ ସେମାନଙ୍କ ସଂକଳ୍ପପତ୍ରରେ ସେମାନେ ଦେଇଥିବା ପ୍ରତିଶ୍ରୁତି ମଧ୍ୟରେ ସୁଭଦ୍ରା ଯୋଜନା ମାଧ୍ୟମରେ ପ୍ରତ୍ୟେକ ମହିଳାଙ୍କୁ ୫୦ ହଜାର ଟଙ୍କା ଦେବା କୁହାଯାଇଥିଲା । ତାହା ସେମାନେ ପାଳନ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ନିର୍ବାଚନ ପ୍ରଚାର ସମୟରେ ଏହି ସୁଭଦ୍ରା ଯୋଜନା ବିଷୟରେ କହିଥିଲେ । ସେତେବେଳେ କୁହା ଯାଇଥିଲା ଯେ, ସମସ୍ତ ମହିଳାଙ୍କୁ ୫୦ ହଜାର ଟଙ୍କାର ଭାଉଚର ଦିଆଯିବ, ଯାହା ସେମାନେ ପ୍ରଥମ ଦୁଇବର୍ଷରେ ବ୍ୟବହାର କରିବେ । ତେବେ, ଆର୍ଥିକ ପରିସ୍ଥିତି ଆକଳନ କଲାପରେ, କେବଳ ଯୋଗ୍ୟ ହିତାଧିକାରୀଙ୍କୁ ସମାନ ପରିମାଣର ଅର୍ଥ ଦୁଇବର୍ଷ ବଦଳରେ ୫ ବର୍ଷ ମଧ୍ୟରେ ଦେବାକୁ ନିଷ୍ପତ୍ତି ନିଆଗଲେ ବି ଏଭଳି ବୃହତ୍ ଜନକଲ୍ୟାଣକାରୀ ଯୋଜନାକୁ ସଭିଏଁ ସ୍ୱାଗତ କରିଥିଲେ ।

ଭାରତୀୟ ଜନତା ପାର୍ଟି ୨୦୨୪ ସାଧାରଣ ନିର୍ବାଚନ ପ୍ରଚାର କାଳରେ ପ୍ରତିଶୃତି ଦେଇଥିଲେ ଯେ, ସରକାର ଗଠନ କଲେ, ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନା ମାଧ୍ୟମରେ ୫୦ ହଜାର ଟଙ୍କା ପ୍ରଦାନ କରିବେ । ରାଜ୍ୟବାସୀ ସେମାନଙ୍କ ଉପରେ ଭରସାରଖି ଆଶୀର୍ବାଦ ଦେଲେ । ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଲୋକଙ୍କ ସରକାର ଗଠିତ ହେଲା ଗତବର୍ଷ ଜୁନ୍ ମାସ ୧୨ ତାରିଖରେ । ପ୍ରତିଶ୍ରୁତି ମୁତାବକ ପ୍ରଥମ ମନ୍ତ୍ରୀମଣ୍ଡଳ ବୈଠକରେ ୪ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଲା । ସେଗୁଡିକ ଥିଲା - ପୁରୀ ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲାଯିବା, ଶ୍ରୀମନ୍ଦିର ସଂରକ୍ଷଣ, ରକ୍ଷଣାବେକ୍ଷଣ, ସୌନ୍ଦର୍ଯ୍ୟକରଣ, ଜରୁରୀକାଳିନ ପରିସ୍ଥିତିର ମୁକାବିଲା ଲାଗି ୫୦୦ କୋଟି ଟଙ୍କାର କର୍ପସ ଫଣ୍ଡ ଗଠନ, 'ସମୃଦ୍ଧ କୃଷକ ନୀତି' ଆଧାରରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଇନ୍‌ପୁଟ୍ ରିହାତି ପ୍ରଦାନ କରି କୁଇଣ୍ଟାଲ ପ୍ରତି ୩୧ ଶହ ଟଙ୍କା ନିର୍ଦ୍ଧାରଣ ଏବଂ ୧୦୦ ଦିନ ମଧ୍ୟରେ 'ସୁଭଦ୍ରା' ଯୋଜନାକୁ କାର୍ଯ୍ୟକାରୀ କରାଯିବାର ନିଷ୍ପତ୍ତି । ପ୍ରତ୍ୟେକ ଆର୍ଥିକ ବର୍ଷରେ ଦୁଇଥର - ରକ୍ଷାବନ୍ଧନ ଅବସର ଓ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହେଉଥିବା ମାର୍ଚ୍ଚ ୮ ତାରିଖରେ ଯୋଗ୍ୟ ମହିଳାମାନଙ୍କୁ 'ସୁଭଦ୍ରା' ଯୋଜନା ଟଙ୍କା ଦେବାକୁ ସ୍ଥିର ହୋଇଥିଲା ଏହି ବୈଠକରେ ।

ସବୁ ଦିଗକୁ ଭାବିଚିନ୍ତି, ଏଥିପାଇଁ ନିୟମ ପ୍ରଣୟନ କରିବା ଠାରୁ ଆରମ୍ଭ କରି, ହିତାଧିକାରୀଙ୍କ ପଞ୍ଜିକରଣ, ସେମାନଙ୍କ ନାମ ସହିତ ଆଧାର କାର୍ଡ଼ ଓ ବ୍ୟାଙ୍କଖାତା ସଂଯୋଗୀକରଣ ଓ ତଦାରଖ, ସହଯୋଗ ରାଶି ସିଧାସଳଖ ନିର୍ଭୁଲ ଭାବେ ସମସ୍ତ ହିତାଧିକାରୀଙ୍କ ବ୍ୟାଙ୍କଖାତାରେ ଜମା ହୋଇପାରିବାର ବ୍ୟବସ୍ଥା, ଏପରି ଅନେକ କିଛି ମାତ୍ର ଶହେ ଦିନରେ କରିବା ଏତେ ସହଜ ନଥିଲା । ୱେବସାଇଟ୍ ପ୍ରସ୍ତୁତ ହେଲା ଓ ଯେଭଳି ସମସ୍ତ ଯୋଗ୍ୟ ମହିଳା ସୁଭଦ୍ରା ଯୋଜନାର ହିତାଧିକାରୀ ହୋଇପାରିବେ, ସେଥିପାଇଁ ଜନସମ୍ପର୍କ ଯୋରଦାର କରାଗଲା, ସରକାରୀ ବିଜ୍ଞାପନ ମାଧ୍ୟମରେ ପ୍ରଚାର କରାଗଲା । ଏଥିରେ ଗଣମାଧ୍ୟମ ଯେଭଳି ସହଯୋଗ କଲେ, ତାହା ପ୍ରଶଂସନୀୟ । ସୁଭଦ୍ରା ଯୋଜନାରେ ସାମିଲ ହେବାକୁ ଆଗ୍ରହୀ ଯୋଗ୍ୟମହିଳାଙ୍କଠାରୁ ନିର୍ଦ୍ଦିଷ୍ଟ ଆବେଦନ ପତ୍ରଗୁଡ଼ିକୁ ମୋ ସେବାକେନ୍ଦ୍ର, ଜନସେବା କେନ୍ଦ୍ର ଓ ଜିଲ୍ଲା ପ୍ରଶାସନ ଚିହ୍ନଟ କରିଥିବା ସ୍ଥାନରେ ଦାଖଲ କରାଯିବାର ବ୍ୟବସ୍ଥା ହେଲା । ଏଥିପାଇଁ ପୂର୍ବରୁ ଆବେଦନ ପତ୍ର ବଣ୍ଟନ କରାଯାଇଥିଲା, ଯାହାକୁ ପୂରଣ କରି ଆବଦେନକାରୀ ଅଫ୍ ଲାଇନରେ ଦାଖଲ କରିପାରିଲେ । ଅନ୍ ଲାଇନରେ ଆବଦନ ପତ୍ର ଆସିବାରେ ଲାଗିଲା । କୌଣସି ସମସ୍ୟା ହେଲେ ସହାୟତା ପାଇଁ ଟୋଲଫ୍ରି ନମ୍ବର ମଧ୍ୟ ଜାରି କରାଯାଇଥିଲା ।

ସୁଭଦ୍ରା ଯୋଜନାର ଉଦ୍ଦେଶ୍ୟ ଥିଲା ମହିଳା-ଆର୍ଥିକ ସଶକ୍ତିକରଣ ଏବଂ ଆତ୍ମ-ନିର୍ଭରଶୀଳତା, ନିଜର ଏବଂ ସନ୍ତାନସନ୍ତତିଙ୍କ ସ୍ୱାସ୍ଥ୍ୟ ତଥା ପୁଷ୍ଟିସାଧନ । ନିଜେ ଆତ୍ମନିଯୁକ୍ତି ପାଇଲେ, ମହିଳାମାନେ ରୋଜଗାର ଓ ପୁଞ୍ଜିସଂଗ୍ରହପାଇଁ କାହାଉପରେ ନିର୍ଭର କରିବେନି । ପରିବାର ମଧ୍ୟରେ ଯେଉଁ ନିଷ୍ପତ୍ତି ନିଆଯିବ, ସେଥିରେ ତାଙ୍କର ମତ





ଗୁରୁତ୍ୱ ପାଇବ। ଏହା ଥିଲା ଏକ ଅଭିନବ ସମାଜିକ-ଜନକଲ୍ୟାଣ ଯୋଜନା ଏବଂ ମହତ୍ୱାକାଂକ୍ଷୀ ପରିକଳ୍ପନା। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ମହିଳାମାନେ ଏହି ଯୋଜନାରେ ସାମିଲ ହେବାର ସୁଯୋଗ ମିଳିଲା। ଲିଙ୍ଗଗତ ଅସମାନତା, ଝିଅଙ୍କ ସାକ୍ଷରତା ହାରରେ ହ୍ରାସ, କନ୍ୟାଭ୍ରୁଣ ହତ୍ୟା, ଛାତ୍ରୀମାନେ ଅଧାରୁ ସ୍କୁଲ୍ ଛାଡୁଥିବା, କର୍ମ କ୍ଷେତ୍ରରେ



ମହିଳାଙ୍କ ନିରୁତ୍ସାହଜନକ ଉପସ୍ଥିତି ରହିବା ବିକଶିତ ଓଡିଶାର ଲକ୍ଷ୍ୟ ପୂରଣ କରିବାରେ ବାଧକ ହେଉଥିଲା। ଏ ସମସ୍ତ ସମସ୍ୟା ଦୂର କରିବାକୁ ସୁଭଦ୍ରା ଯୋଜନାର ପରିକଳ୍ପନା। ୨୧ ବର୍ଷ ପୂରଣ କରିଥିବା ଝିଅଟିଏ ଉଚ୍ଚଶିକ୍ଷା କରିବାପାଇଁ ହେଉ ଅବା ନିଜର ଉଦ୍ୟୋଗ ସ୍ଥାପନ କରିବା ହେଉ, ସୁଭଦ୍ରା ଯୋଜନାରେ ମିଳୁଥିବା ଅର୍ଥକୁ ଉପଯୋଗ କରିବ, ଏହା ସମସ୍ତେ ଆଶା କରିବା ସ୍ୱାଭାବିକ। ମହିଳାଙ୍କ ପାଇଁ ଏଭଳି ଆର୍ଥିକ ସହାୟତା ମିଳିଲେ, ପରିବାରମାନଙ୍କରେ ଅଲୋଡା ହୋଇ ରହିବେନି କନ୍ୟା ସନ୍ତାନ। ଝିଅମାନଙ୍କ ଗୁରୁତ୍ୱ ଓ ଶିକ୍ଷା ବଢିଲେ, ସେମାନଙ୍କ ଜ୍ଞାନ, କୌଶଳ ଓ ଆତ୍ମବିଶ୍ୱାସ ବଢିବ। ସେମାନେ ଉଚ୍ଚତର ଶିକ୍ଷା ଗ୍ରହଣ କରିବାକୁ ଆଗ୍ରହୀ ହେବେ, ନିଜର ଜୀବନ ଗଢିବେ। ସମାଜକୁ ନିଜର ଅବଦାନ ଦେବାକୁ ସକ୍ଷମ ହେବେ। ବାପାମା ସ୍ୱଳ୍ପ ବୟସରେ ଝିଅଙ୍କ ବାହାଘର କରିବେନି, ସେମାନଙ୍କ ପାଠପଢା ସରିବା ପରେ, ସେମାନେ ରୋଜଗାରକ୍ଷମ ହେବାପରେ ସେମାନଙ୍କୁ ବାହାଦେବେ। ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ସ୍ଲୋଗାନ୍ 'ବେଟି ପଢାଓ, ବେଟି ବଚାଓ'ର ବାସ୍ତବ ରୂପାୟନ କରିବ ଏଭଳି ଯୋଜନା। ଝିଅ ଜନ୍ମ ଏକ ଅଭିଶାପ ନହୋଇ ଆଶୀର୍ବାଦରେ ପରିଣତ କରିବାର ସାଧନ ହେବ ସୁଭଦ୍ରା। ଏଭଳି ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟ ରହିଥିଲା ସୁଭଦ୍ରା ଯୋଜନାର ପ୍ରଣେତାଙ୍କ ମନ ଭିତରେ।

ସୁଭଦ୍ରା ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ପ୍ରଥମ କିସ୍ତି ଟଙ୍କା ପ୍ରଦାନ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଶୁଭ ଜନ୍ମଦିବସକୁ ଆମେ ବାଛିଥିଲେ ମୋହନ ସରକାର। ୯୯ ବର୍ଷ ବୟସରେ ମାତା ହିରାବେନ୍ ୩୦ ଡିସେମ୍ବର ୨୦୨୨ ଇହଧାମ ତ୍ୟାଗ କରିବା ପରଠୁ ଜନ୍ମଦିନ ପାଳି ନଥିଲେ ମୋଦିଜୀ। ପୂର୍ବରୁ ପ୍ରତିବର୍ଷ ସେ ନିଜ ଜନ୍ମଦିନ ପାଳିବା ପାଇଁ ଛୁଟି ଯାଉଥିଲେ ଅହମ୍ମଦାବାଦ୍, ଯେଉଁଠି ସାନ ଭାଇ ପଙ୍କଜ ମୋଦିଙ୍କ ପାଖରେ ରହୁଥିବା ମା'ଙ୍କ ପାଦତଳେ ମୁଣ୍ଡିଆ ମାରି ଆଶୀର୍ବାଦ ପାଉଥିଲେ। ୨୦୨୪ରେ ମୋଦିଜୀ ତାଙ୍କର ୭୫ ତମ ଜନ୍ମ ଦିବସରେ ସୁଭଦ୍ରା ଭଉଣୀଙ୍କ ଆଶୀର୍ବାଦ ଓ ଶୁଭ କାମନା ପାଇବାକୁ ଓଡିଶାର ମା ଓ ଭଉଣୀଙ୍କ ପାଖକୁ ଛୁଟି ଆସିଲେ। ଭୁବନେଶ୍ୱର ଜନତା ମଇଦାନରେ ଅନୁଷ୍ଠିତ ଭବ୍ୟ ରାଜ୍ୟସ୍ତରୀୟ ଉତ୍ସବରେ ପ୍ରଥମ କିସ୍ତିର ପ୍ରଥମ ପର୍ଯ୍ୟାୟରେ ୨୫ ଲକ୍ଷ ୧୧ ଜଣ ମହିଳାଙ୍କ ଖାତାକୁ ଗଲା ୫ ହଜାର ଟଙ୍କା ଲେଖାଏଁ 'ସୁଭଦ୍ରା' ସହାୟତା ଅର୍ଥ । ବର୍ଷକୁ ୨ଟି କିସ୍ତିରେ ୧୦ ହଜାର ଟଙ୍କା ମିଳିବା ସହ ୫ ବର୍ଷରେ ୫୦ ହଜାର ଟଙ୍କା ମିଳିବାର ସ୍ୱପ୍ନ ସଫଳତା ପାଇବାର ଖୁସି ଥିଲା ଏକ ଅପୂର୍ବ ଆହ୍ଲାଦମୟ ମୂହୁର୍ତ୍ତ। ଉପସ୍ଥିତ ଭଉଣୀମାନଙ୍କ ହୁଳହୁଳି ଧ୍ୱନୀ ସତେ ଯେମିତି ମୋଦିଜୀଙ୍କ ପାଇଁ ସୃଷ୍ଟି କରିଥିଲା ଓଡ଼ିଆ ଅସ୍ମିତାରେ ଜନ୍ମଦିନ ବନ୍ଦାଣ ଉତ୍ସବର ପରିବେଶ।

ମୂଳରୁ ସରକାରଙ୍କ ଗୋଟିଏ ଲକ୍ଷ୍ୟ ଥିଲା ଯେ, କେହି ଜଣେ ବି ଯୋଗ୍ୟ ହିତାଧିକାରୀ ସୁଭଦ୍ରା ଯୋଜନା ସହାୟତା ପାଇବାରୁ ବଞ୍ଚିତ ନହୁଅନ୍ତୁ। ସେଥିଲାଗି ପ୍ରଥମ କିସ୍ତିର ଅର୍ଥରାଶି ପାଞ୍ଚଟି ପର୍ଯ୍ୟାୟରେ ଦିଆଗଲା। ଦ୍ୱିତୀୟ ପର୍ଯ୍ୟାୟରେ ୩୯ ଲକ୍ଷ ହିତାଧିକାରୀଙ୍କୁ ଅକ୍ଟୋବର ୯ ତାରିଖରେ ସୁଭଦ୍ରାକ୍ଷେତ୍ର ବାରିପଦାର ଛଉପଡିଆରେ ଅନୁଷ୍ଠିତ ସମାବେଶରେ ମୁଖ୍ୟମନ୍ତ୍ରୀ ଯୋଗ ଦେଇ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ଟଙ୍କା ପ୍ରଦାନ କରିଥିଲେ। ସେଦିନ ଥିଲା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପବିତ୍ର ସ୍ୱନକ୍ଷତ୍ର ଦିବସ। ଗୋଟିଏ ପଟେ ସରକାର ସୁଭଦ୍ରା ଯୋଜନାକୁ ଆଗେଇ ନେଉଥିବା ବେଳେ, ଅନ୍ୟପଟେ ନୂତନ ହିତାଧିକାରୀ ଚୟନ ପ୍ରକ୍ରିୟା ମଧ୍ୟ ଚାଲୁରହିଥିଲା – ଯାହା ଏକ ନୂଆ ଘଟଣା। ଯେତେବେଳେ, ହୃଦୟ ଖୋଲା ଏବଂ ଲକ୍ଷ୍ୟ ସ୍ଥିର ଥାଏ, ନିୟମ ବି ଲୋକାଭିମୂଖୀ ହେବାକୁ ବାଧ୍ୟ ହୁଏ । ଏହି ଆପ୍ତ ବାକ୍ୟ ସତ୍ୟ ପ୍ରମାଣିତ ହେଲା।

ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟ ଟଙ୍କା ପ୍ରଦାନ କରିଥିଲେ ମାନ୍ୟବର ମୁଖ୍ୟମନ୍ତ୍ରୀ ସୁନ୍ଦରଗଡ଼ ସହରରେ ଆୟୋଜିତ ସମାବେଶରେ ଓ 'ସୁଭଦ୍ରା' ଯୋଜନାର ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଅର୍ଥରାଶି ପ୍ରଦାନ କରିବାପାଇଁ ଯାଜପୁର ଜିଲ୍ଲାର ବ୍ୟାସନଗରର ଚାନ୍ଦମା ପଡ଼ିଆଠାରେ ଆୟୋଜନ ହୋଇଥିଲା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ଏଥିରେ ମଧ୍ୟ ମୁଖ୍ୟମନ୍ତ୍ରୀ ଯୋଗଦେଇ ପ୍ରାୟ ୧୮ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କ ବ୍ୟାଙ୍କ୍ ଖାତାକୁ ଟଙ୍କା ପଠାଇଥିଲେ। ଭଉଣୀମାନଙ୍କ ମୁହଁରୁ ସେମାନଙ୍କ ଖୁସି ଓ କିଛି କରି ଦେଖାଇବାର ଆତ୍ମପ୍ରତ୍ୟୟ ଫୁଟି ଉଠୁଥିଲା। ଅନୁଭବ କରିହେଉଥିଲା ଯେ, ମାତ୍ର ୫ହଜାର ଟଙ୍କାର ଅର୍ଥରାଶି ହୁଏତ କାହାପାଇଁ ସାମାନ୍ୟ ମନେ ହୋଇପାରେ, ମାତ୍ର ହିତାଧିକାରୀ ଭଉଣୀମାନଙ୍କ ପାଇଁ 'ସୁଭଦ୍ରା' ହେଉଛି ବିକାଶର ମୂଳପିଣ୍ଡ। ସେମାନଙ୍କ ଆତ୍ମପ୍ରତ୍ୟୟ, ସଭିଙ୍କୁ ପ୍ରେରଣା ଦେଉଥିଲା ଆଗାମୀ ଦିନରେ ମହିଳାଙ୍କ ମଧ୍ୟରେ ଲକ୍ଷପତି ଭଉଣୀ ମାନଙ୍କୁ ଦେଖିବା ପାଇଁ ଓ ସମସ୍ତଙ୍କ ମନରେ ଦାନା ବାନ୍ଧୁଥିଲା ଗୋଟିଏ ଆଶା - ସୁଭଦ୍ରା ଯୋଜନାରେ ଆଉ କିଛି ଅଧିକ ସୁଯୋଗ ମିଳନ୍ତାନି !

ତିନିଦିନ ତଳେ, ପ୍ରଥମ କିସ୍ତିର ପଞ୍ଚମ ପର୍ଯ୍ୟାୟ ଅର୍ଥରାଶି ପ୍ରଦାନ କରାଯାଇଥିଲା ଦୁଇ ଲକ୍ଷ ୩୦ ହଜାର ଭଉଣୀଙ୍କୁ, ଚଳିତ ମାସ ଛଅ ତାରିଖରେ। ଏହିପରି ଚିହ୍ନଟ ହୋଇଥିବା ସମୁଦାୟ ଏକ କୋଟି ୬୪ ହଜାର ହିତାଧିକାରୀଙ୍କୁ ଗତକାଲି ଅର୍ଥାତ ମାର୍ଚ୍ଚ ୮ ତାରିଖରେ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ଟଙ୍କା ପ୍ରଦାନ କରାଗଲା। ମାର୍ଚ୍ଚ ୩୧ ତାରିଖରେ ଆବେଦନ ବନ୍ଦ ହେବା ସହ ସୁଭଦ୍ରା ଯୋଜନାରୁ ବଞ୍ଚିତ ହୋଇଥିବା ହିତାଧିକାରୀଙ୍କୁ ସର୍ଭେ ମାଧ୍ୟମରେ ଚିହ୍ନଟ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ହିତାଧିକାରୀମାନଙ୍କୁ ଚିହ୍ନଟ କରିବା ଲାଗି ପ୍ରତ୍ୟେକ ଘରକୁ ଯାଇ ସର୍ଭେ କରାଯିବା ପାଇଁ ନିଷ୍ପତ୍ତି ହୋଇଛି । ଯେଉଁମାନେ ଯୋଗ୍ୟ, ଅଥଚ ପ୍ରଥମ କିସ୍ତିର ଅର୍ଥରାଶି ପାଇ ନାହାନ୍ତି, ସେହି ଭଉଣୀମାନଙ୍କୁ ଆଗାମୀ ରାକ୍ଷୀପୂର୍ଣ୍ଣିମୀ ଦିନ ପ୍ରଥମ କିସ୍ତିର ଦଶ ହଜାର ସହିତ ଦ୍ୱିତୀୟ କିସ୍ତିର ୫ ହଜାର – ଏପରି ସମୁଦାୟ ୧୫,୦୦୦ ଟଙ୍କା ପ୍ରଦାନ






କରିବାକୁ ସ୍ଥିର କରିଛନ୍ତି ଓଡିଶା ସରକାର।

ମାତ୍ର ଆଠ ମାସରେ ଏତେ ସଂଖ୍ୟକ ହିତାଧିକାରୀଙ୍କୁ ଚିହ୍ନଟ କରି, ସୁଭଦ୍ରା ଯୋଜନାର ଲାଭାର୍ଥୀ କରାଇବା ଥିଲା ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ। ତୃଣମୂଳସ୍ତରୀୟ ଅଙ୍ଗନବାଡି କର୍ମୀ ଓ ସହାୟିକାମାନେ ନିଷ୍ଠାପର ଭାବେ ସୁଭଦ୍ରା ଯୋଜନାକୁ ସଫଳ କରିବା ନିଶ୍ଚୟ ପ୍ରଶଂସନୀୟ । ସରକାର ସେଥିପାଇଁ ପ୍ରତ୍ୟେକ ଅଙ୍ଗନବାଡି କର୍ମୀଙ୍କୁ ପନ୍ଦର ଶହ ଏବଂ ସହାୟିକାମାନଙ୍କୁ ୫ ଶହ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେମାନଙ୍କ ସହଯୋଗ ଏବଂ ସୁଭଦ୍ରା ହିତାଧିକାରୀଙ୍କ ଦୃଢ ଇଚ୍ଛାଶକ୍ତିକୁ ଉପଯୋଗ କରି ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପ୍ରତ୍ୟେକ ରାଜସ୍ୱ ଗ୍ରାମରୁ ଅନ୍ତତଃ ପାଞ୍ଚ ଜଣ ମହିଳାଙ୍କୁ ଲକ୍ଷପତି ଦିଦି ସୃଷ୍ଟି କରିବାକୁ ଯୋଜନା କରାଯାଇଛି। ସେମାନଙ୍କୁ କୌଶଳଗତ ତାଲିମ ପ୍ରଦାନ କରିବାକୁ ଭାରତୀୟ ପରିଚାଳନା ପ୍ରତିଷ୍ଠାନର(ଆଇଆଇଏମ-ସମ୍ବଲପୁର) ସହଯୋଗ ନେବେ ସରକାର। ମିଶନ ଶକ୍ତି ତ ଚାଲିଛି ଓ ଚାଲିବ– ଯେଉଁଥିରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ବ୍ୟାଙ୍କରୁ ମୂଳଧନ ନେଇ ସୁଧ ସହିତ ଫେରସ୍ତ କରିବେ। ତାହା ସହିତ, ସୁଭଦ୍ରା ଯୋଜନାର ହିତାଧିକାରୀମାନେ ପରିଶୋଧ କରିବାକୁ ପଡୁ ନଥିବା ଆର୍ଥିକ ସହଯୋଗ ପାଇବେ, ଯାହା ଆଗରୁ କେବେ ନଥିଲା। ରାଜ୍ୟ ସରକାର ମହିଳାମାନଙ୍କୁ ଖୁସି କରିବା ଅପେକ୍ଷା ସୁଖୀ ରଖିବାକୁ ଯେଉଁ ଉଦ୍ୟମ କରୁଛନ୍ତି, ତାହା ନିଶ୍ଚୟ ସାଧୁ ଉଦ୍ୟମ।

ଓଡିଶାରେ ସୁଭଦ୍ରା ଯୋଜନା ଭଳି ପ୍ରାୟ ସମସ୍ତ ରାଜ୍ୟରେ ବିଭିନ୍ନ ନାମରେ ମହିଳା ତୁଷ୍ଟିକରଣ ଯୋଜନା ଚାଲୁ ରହିଛି, ଯାହାକୁ ଜନକଲ୍ୟାଣକାରୀ ଯୋଜନା କୁହାଯାଉଛି। ଗୋଟିଏ ଦେଶ, ଗୋଟିଏ ନିର୍ବାଚନ, ଗୋଟିଏ ନାଗରିକ ସଂହିତା, ଗୋଟିଏ ନିର୍ବାଚନ, ଗୋଟିଏ ରାସନ୍ ଇତ୍ୟାଦିକଥା କହୁଥିବା ଦେଶରେ ମହିଳାଙ୍କ ପାଇଁ ଅଲଗା ଅଲଗା ଯୋଜନା ମାଧ୍ୟମରେ ଅସମାନ ଆର୍ଥିକ ସହାୟତା କାହିଁକି ? ଦିଲ୍ଲୀର ଜଣେ ମହିଳା ବାର୍ଷିକ ୩୦ ହଜାରଟଙ୍କା ପାଇଲା ବେଳେ, ଓଡ଼ିଆ ମହିଳାଙ୍କୁ ବାର୍ଷିକ ମାତ୍ର ୧୦ ହଜାରଟଙ୍କା କାହିଁକି ?

ଆଶା ଓ ବିଶ୍ୱାସ ଯେ, କେନ୍ଦ୍ର ଓ ରାଜ୍ୟର ଡବଲ୍ ଇଞ୍ଜିନ୍ ସରକାର ଏଥିପ୍ରତି ଆଗାମୀ ଦିନରେ ଦୃଷ୍ଟି ଦେବେ।

**କୋକିଳା ଏନକ୍ଲେଭ୍, ଫେଜ୍ -୨,**
**ପୋଖରିପୁଟ୍, ଭୁବନେଶ୍ୱର -୭୫୧୦୨୦**
**ମୋ: ୯୪୩୮୨୯୯୦୩୭**

## ମନକୁ ଆସିଲା ଯାହା ୧୨

# ଅଯାଚିତ କରୁଣାର ବାରିଧାରା



**ସୌମ୍ୟଶ୍ରୀ ପାଣିଗ୍ରାହୀ**

ଆପଣଙ୍କ ସହ ଏମିତି କେବେ ହୋଇଛି କି, ଆପଣ ଏକ ରେଷ୍ଟୁରାଣ୍ଟରେ ମନଭରି ଖାଇସାରି ବିଲ୍ ଦେବାକୁ ଯିବାବେଳେ ଜାଣିବେ ଯେ, ଆପଣଙ୍କ ଖାଇବା ପଇସା ଆଗରୁ ଦିଆସରିଛି କିମ୍ବା ଆପଣଙ୍କ ଖାଇବାର ମୂଲ୍ୟ ଅନ୍ୟକେହି ଦେଇସାରିଛି। ପୁଣି ଆପଣ ଯେତେବେଳେ ୱେଟରକୁ ବିଲ୍ ମାଗିବେ, ସେ ଆପଣଙ୍କୁ ଚୁପଚାପ ବଢ଼ାଇ ଦେବ ଏକ ଶୂନ୍ୟ ପାତ୍ର ନହେଲେ ଏକ କ୍ୟୁଆର୍ କୋଡ୍, ଯାହାକୁ ନିଜ ମୋବାଇଲରେ ସ୍କାନ କରି ଆପଣ ନିଜ ଇଚ୍ଛା ଅନୁସାରେ ଯାହା ଉଚିତ ଭାବୁଛନ୍ତି ସେତିକି ପଇସା ଦେଇପାରିବେ। ସେଇଥିପାଇଁ ତ ଆପଣଙ୍କ ଖାଦ୍ୟ ତାଲିକା ବା ମେନ୍ୟୁରେ ଥିବା କୌଣସି ବ୍ୟଞ୍ଜନର ମୂଲ୍ୟ ଲେଖାଯାଇ ନାହିଁ। କି ସୁନ୍ଦର ବ୍ୟବସ୍ଥା ଦେଖିଲେ। କରୁଣା, ସଦାଚାର ଓ ସେବାର କି ଅଦ୍ଭୁତ ସମନ୍ୱୟ ଦେଖିଲେ। ଏମିତି ଭାବରେ ଗ୍ରାକଙ୍କ ଇଚ୍ଛାରେ ଶ୍ରଦ୍ଧାରେ ଅର୍ପିତ ପଇସାରେ ଚାଲିଛି ସେ ରେଷ୍ଟୁରାଣ୍ଟ। ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ଏଯାବତ୍ ସେ ରେଷ୍ଟୁରାଣ୍ଟଟି ଆଦୌ କ୍ଷତି ସହିନାହିଁ ।

ଆମ ଭାରତରେ ଏମିତି ଅନ୍ୟୁନ ତିନିଟି ଅନନ୍ୟ ଅନୁପମ ଅନୁଷ୍ଠାନ ଅଛି, ଯେଉଁଠି ଆପଣ ବିନା ମୂଲ୍ୟରେ ଖାଇପାରିବେ ବା ନିଜ ଇଚ୍ଛା / ଶ୍ରଦ୍ଧା ଅନୁସାରେ ଅର୍ଥ ପ୍ରଦାନ କରିପାରିବେ। ସେ ଚେନ୍ନାଇର ଅନ୍ନଲକ୍ଷ୍ମୀ ହେଉ କି ଅହମଦାବାଦର ସେବା କାଫେ ହେଉ। ଅବା ପୁଣି ଦିଲ୍ଲୀର କୁଞ୍ଜୁମ୍ ଟ୍ରାଭେଲ କାଫେ ହେଉ, ସବୁଠି ସେହି ସମାନ ପ୍ରଣାଳୀ। ରେଷ୍ଟୁରାଣ୍ଟରେ ସକାଳୁ ରାତିଯାଏ ଗରାଖଙ୍କ ଭିଡ଼। ଦିନର ପ୍ରଥମ ଖାଦ୍ୟ ପ୍ରସ୍ତୁତି ସରିଲା ପରେ ନିଜେ ମାଲିକ ପ୍ରଥମ ନୈବେଦ୍ୟ ବାଢ଼ନ୍ତି ଠାକୁରଙ୍କ ପାଖରେ ଆଉ ସେହି ଖାଦ୍ୟର ମୂଲ୍ୟସ୍ୱରୁପ ନିଜ ପକେଟରୁ କିଛି ଅର୍ଥ ବାଢ଼ି ରଖିଦିଅନ୍ତି। ବାସ ତା' ପରଠୁ ଯେତେ ଗରାଖ ଆସନ୍ତି ସଭିଙ୍କୁ କୁହାଯାଏ ସମାନ କଥା, ଖାଅ ନିଜ ପେଟ ଭରି, ପଇସା ପାଇଁ ଚିନ୍ତା ନକରି, ଦିଅ ନିଜ ଇଚ୍ଛା ଅନୁସାରେ। ଠାକୁରଙ୍କୁ ପରଷା ଯାଇଥିବା ସେହି ପ୍ରଥମ ଥାଳିଟି ହିଁ ଶ୍ରଦ୍ଧା ରୂପକ ଅର୍ଥରାଶିରେ ପରିବର୍ତ୍ତିତ ହୋଇ ବାରମ୍ବାର ଫେରୁଥାଏ ରେଷ୍ଟୁରାଣ୍ଟକୁ। ପୁଣି ଯଦି କେହି ପଇସା ଦେଇ ବି ନପାରିଲା ତେବେ ସେହି ମାଗଣା ଥାଳିଟିକୁ ତା'ର ଅସହାୟତାରେ ନିଜର ସେବା ବୋଲି ଭାବିଦେଲେ ଆତ୍ମସନ୍ତୋଷ । ବାଃ..ଚମତ୍କାର..!!

ଏହି ନିକଟରେ କାହାଣୀଟିଏ ପଢ଼ିଥିଲି। ସାରା ନାମ୍ନୀ ଝିଅଟିଏ କାମ କରୁଥିଲା ଏକ ସମ୍ଭ୍ରାନ୍ତ ରେସ୍ତୋରାଁରେ ପରିଚାରିକା ଭାବରେ। ଦିନେ ଏକ ବୃଦ୍ଧ ଦମ୍ପତ୍ତି ଖାଇବାକୁ ଆସି ରେସ୍ତୋରାଁର ସବୁଠାରୁ ଶସ୍ତା ବ୍ୟଞ୍ଜନର କଥା ପଚାରିଲେ। ସାରା ଭାବିଲେ ବୋଧ ଏମାନେ ପଇସାକୁ ଡରି ଶସ୍ତା ଖାଇବା ଖୋଜୁଛନ୍ତି, ତେଣୁ ସାରା ସେମାନଙ୍କୁ ମନପସନ୍ଦର ଖାଦ୍ୟ ଖୁଆଇଲେ ଏବଂ ସେ ବାବଦର ମୂଲ୍ୟ ନିଜ ସଞ୍ଚିତ ଅର୍ଥରୁ ଦେଇଦେଲେ। ଦମ୍ପତି ଯେତେବେଳେ ଖାଇସାରି ବିଲ୍ ମାଗିଲେ, ତାଙ୍କୁ ସାରାଙ୍କ ହାତ ଲେଖା ଚିଠି ଖଣ୍ଡେ ମିଳିଲା। ଯେଉଁଥିରେ ଲେଖା ଥିଲା 'ମୁଁ ଗୋଟେ ହତଭାଗିନି ଅନାଥ ଝିଅ। ମୋ ବାପା ମା ନାହାନ୍ତି। ସେମାନେ ଥିଲେ ନିଶ୍ଚୟ ଆପଣଙ୍କ ବୟସର ହୋଇଥାନ୍ତେ, ତେଣୁ ମୁଁ ଗୋଟିଏ ଟିଭି କିଣିବା ପାଇଁ ସଞ୍ଚୟ କରି ରଖିଥିବା ପଇସାରୁ ଆପଣଙ୍କ ଖାଇବା ପଇସା ଦେଇ ଦେଇଛି।' ଆଖିରେ ଆନନ୍ଦାଶ୍ରୁ ନେଇ ଦମ୍ପତି ଘରକୁ ଫେରିଗଲେ ସିନା, ପରଦିନ ସାରାଙ୍କ ପାଇଁ ଅପେକ୍ଷା କରିଥିଲା ଅନେକ ଚମତ୍କାର ।

କହିବା ବାହୁଲ୍ୟ ଯେ, ସେ ଦମ୍ପତ୍ତି ଥିଲେ ଆମେରିକାର ଏକ ସମ୍ଭ୍ରାନ୍ତ ପ୍ରତିଷ୍ଠିତ ପରିବାର, ଯିଏ ଲୋକଚରିତ୍ର ଜାଣିବାକୁ ଏକ ମନୋବୈଜ୍ଞାନିକ ପରୀକ୍ଷଣ କରିବାକୁ ସେହି ରେଷ୍ଟୁରାଣ୍ଟକୁ ଯାଇ ଦରିଦ୍ରର ଅଭିନୟ କରୁଥିଲେ। ସେମାନେ ସେଠୁ ଫେରି ସାରାଙ୍କ ହସ୍ତଲିଖିତ ଚିଠିଟି ସମେତ ଗତରାତିର ସମସ୍ତ ଘଟଣାକୁ ବର୍ଣ୍ଣନା କରି ଇଣ୍ଟରନେଟରେ ପୋଷ୍ଟ କରିଦେଇଥିଲେ, ଯାହା ବଣର ନିଆଁ ପରି ଅଚିରେ ବ୍ୟାପି ଯାଇଥିଲା। ପରଦିନ ସକାଳୁ ଟିଭି ଚ୍ୟାନେଲମାନଙ୍କରୁ ସାରାଙ୍କ ସାକ୍ଷାତକାର ନେବା ପାଇଁ ଲମ୍ବା ଲାଇନ୍ ଲାଗିସାରିଥିଲା। ଗୋଟିଏ ଚ୍ୟାନେଲ ତାଙ୍କୁ ଏକ ବିରାଟ ୫୬ ଇଞ୍ଚ ଟିଭି ସମେତ ଦଶ ହଜାର ଡଲାରର ଅର୍ଥରାଶି ଉପହାର ବି ଦେଇଥିଲା ଚେକ୍ ମାଧ୍ୟମରେ। ଏକ ସମ୍ବେଦନଶୀଳ ଛୋଟିଆ ଘଟଣା ସାରାଙ୍କୁ ରାତାରାତି ଏକ ସୁପରଷ୍ଟାରରେ ପରିଣତ କରିସାରିଥିଲା। କରୁଣାର ପ୍ରଭାବ ଦେଖିଲେ ତ..!!

ନିକଟ ଅତୀତରେ ଆମେ ସୁଶୀଲ କୁମାରଙ୍କୁ ବି ଦେଖିଛୁ, ଯିଏ 'କୌନ ବନେଗା କରୋଡପତି' ନାମକ ରିଆଲିଟି ସୋ'ରେ ଜିତି ଅମିତାଭ ବଚ୍ଚନଙ୍କ ହାତରୁ ପାଞ୍ଚ କୋଟିର ଚେକ୍ ଗ୍ରହଣ କରିଥିଲେ। ମାସିକ ଛଅ ହଜାର ବେତନ ଭୋଗୀ ଏକ ପ୍ରାଇଭେଟ କମ୍ପାନୀର ଚାକିରିଆ ଉପରେ ଅଚାନକ ଅବାରିତ ଧନ ବର୍ଷା କିଛି ସ୍ୱପ୍ନଠୁ ବି କମ୍ ନଥିଲା। ତେଣୁ ସେ ପାଲଟିଗଲେ କରୁଣା ଓ ଦୟାର ଅବତାର। ମାସିକ ପଚାଶ ହଜାର ଟଙ୍କା ଅଭାବୀଙ୍କୁ ଦାନ କରିବାକୁ ଘୋଷଣା କରିଦେଲେ। କିଛି ଦାନଧର୍ମ ବି କଲେ। ମେଧାବି ଛାତ୍ରଛାତ୍ରୀଙ୍କୁ ନିଜ ଖର୍ଚ୍ଚରେ ପଢ଼ାଇଲେ। ଏକ ଚଳଚ୍ଚିତ୍ର ନିର୍ମାଣରେ ବି ପଇସା ଲଗାଇଲେ। ଦିଲ୍ଲୀର ଏକ ଝିଅକୁ ବାହା ହେଲେ ଏବଂ ଶାଳକ ସହ ମିଶି ଏକ ଉଦ୍ୟୋଗ ବି ଆରମ୍ଭ କରିଦେଲେ। ମାତ୍ର ଦୁର୍ବଳ ଯୋଜନା ଓ ଅପାରଗ ଆର୍ଥିକ ପରିଚାଳନା ଯୋଗୁଁ ଅଚିରେ ସର୍ବସ୍ୱାନ୍ତ ହେଲେ। ଏବେ ଦେବାଳିଆ ହୋଇ ଆତ୍ମହତ୍ୟା କରିବା ପୂର୍ବରୁ ଜୀବନକୁ ଆଉ ଏକ ମୌକା ମାଗିଛନ୍ତି। ପୁଣି ଏକ ପ୍ରାଇଭେଟ ସ୍କୁଲରେ ମାତ୍ର ଦଶ ହଜାର ମାସିକ ବେତନରେ ଚାକିରି କରୁଛନ୍ତି। ଦେଖିଲେ ତ ଅତ୍ୟଧିକ ଆତ୍ମବିଶ୍ୱାସ ଓ ଅଯାଚିତ କରୁଣା ବି କେମିତି ବେଳେବେଳେ ପତନର କାରଣ ପାଲଟିଯାଏ। କାଲିର ପାଞ୍ଚ କୋଟିର ମାଲିକ ପୁଣି ଆଜି କାଙ୍ଗାଳ। ଯିଏ ଶୁଣିବ ଦଣ୍ଡେ ରହିଯିବ କିନ୍ତୁ ଏହା ସତ୍ୟ।

ଖାଲିରେ ବଡ଼ ବଡ଼ୁଆ କହିଯାଇ ନାହାନ୍ତି, ବସି ଖାଇଲେ ନଇବାଲି ସରେ। ପାଞ୍ଚ କୋଟି ଆଉ କେତେ କି..? ତେଣୁ ମନରେ ପଇସାର ଗର୍ବ ନ ଆଣି କରୁଣା ଓ ଶ୍ରଦ୍ଧାର ବୀଜବପନ କରନ୍ତୁ। ସ୍ନେହ ଆଉ ପ୍ରେମର ମଞ୍ଜି ସବୁ ଯେବେ ବଢ଼ି ବିରାଟ ଦ୍ରୁମ ପାଲଟିଯିବେ, ସେତେବେଳେ ଆପଣଙ୍କ ପାଇଁ ହିଁ ଛାଇର କାମ କରିବେ। ଯେମିତି ଗୁଣ୍ଡୁଚି ମୂଷା। ସେ ନିଜେ ପରେ ଖାଇବ ବୋଲି ସାଇତି ରଖୁଥାଏ ମଞ୍ଜି ସବୁ। କେବେ ମାଟିରେ ପୋତି, କେବେ ଗଛ କୋରଡରେ, କେବେ ପୁଣି ବାଲି ଢାଙ୍କି ସେ ଲୁଚେଇ ଚାଲିଥାଏ ବର୍ଷା ଋତୁ ଆସିବା ଆଗରୁ ଏବଂ ଏତେ ସବୁ ଭିତରେ ସେ ନିଜେ ହିଁ ଭୁଲି ଚାଲିଥାଏ ନିଜେ ଲୁଚେଇ ଥିବା ମଞ୍ଜିର ଠିକଣା। ବର୍ଷା ଦିନ ଆସେ କିନ୍ତୁ ଗୁଣ୍ଡୁଚିର ମନେନଥାଏ ସେ କେବେ କେଉଁଠି ସାଇତି ଥିଲା ମଞ୍ଜି। ସେଇଥିରୁ ଗଜୁରେ ନୂଆ ଚାରା, କଅଁଳେ ନୂଆ ପତ୍ର। ବେଶ୍ କିଛି ବର୍ଷ ପରେ ନିଜ ଅଜାଣତରେ ଗୁଣ୍ଡୁଚି ବି ବଢ଼େଇ ସାରିଥାଏ ନୂଆ ଏକ ଜଙ୍ଗଲ। ଇଏ ବି କଣ ଅଯାଚିତ ସେବା ଓ କରୁଣାର ଏକ ନିର୍ବୋଧ ନିଷ୍ପାପ ଉଦାହରଣ ନୁହେଁ କି ? ଆସନ୍ତୁ ଆମେ ସମସ୍ତେ ଗୁଣ୍ଡୁଚି ପାଲଟିଯିବା ଓ ନିଜ ନିଜ ଚେଷ୍ଟାରେ ବନେଇ ଚାଲିବା ନିଜ ଚାରିପାଖରେ ଏକ ସେବାର ଦୁନିଆ, ଯେଉଁଠି ଆମେ ନିଜେ ହିଁ ଭବିଷ୍ୟତରେ ବଞ୍ଚିବା। ସତରେ ଭାରି ସୁନ୍ଦର ହେବ। ନା କ'ଣ କହୁଛନ୍ତି..!!

**ଛାଇ ଜଗନ୍ନାଥ ବିହାର, ଭଦ୍ରକ, ଫୋନ ୭୦୦୮୬୦୧୧୬୧**

**ବି.ଦ୍ର-ଅନିଚ୍ଛାକୃତ ତ୍ରୁଟି ପାଇଁ ପୂର୍ବଥର ପ୍ରକାଶ ହୋଇଥିବା ଆଲେଖ୍ୟର ଶୀର୍ଷକ 'ଅଭ୍ୟାସ..ମଲେ ଯାଇ ତୁଟେ' ବଦଳରେ 'ପ୍ରେମ-ଅପ୍ରେମର ଦୋଛକିରେ...'ବୋଲି ଭୁଲରେ ମୁଦ୍ରିତ ହୋଇଥିଲା। ଏ ଅକ୍ଷମଣୀୟ ଭୁଲ ପାଇଁ ଆମେ ଦୁଃଖିତ।**

ଫ୍ୟାସନ୍





# ହୋଲି ଉତ୍ସବ ପାଇଁ ପ୍ରସ୍ତୁତି

ହୋଲି ପର୍ବକୁ ସମସ୍ତେ ଉତ୍ସାହର ସହିତ ଚାହିଁ ରହିଥାନ୍ତି । ସେହିଭଳି ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ହୋଲି ପର୍ବରୁ ଅଧିକ ଆନନ୍ଦର ସହ ପାଳନ କରିଥାନ୍ତି । ସେମାନେ ସପ୍ତାହ ଆଗରୁ ହେଲି ପାଇଁ ବିଭିନ୍ନ ପ୍ରକାରର ପ୍ରସ୍ତୁତ ଆରମ୍ଭ କରିଦିଅନ୍ତି । ଯେମିତିକି ଡ୍ରେସ୍, କେଶର ଯତ୍ନ, ତ୍ୱଚାର ଯତ୍ନ ନେବା ସହିତ କେମିକାଲ୍ ରଙ୍ଗରୁ ସୁରକ୍ଷିତ ରହିବା ପାଇଁ ଶରୀରର ଧ୍ୟାନ ନେଇଥାନ୍ତି । ସେଭଳି କିଛି ଟିପ୍ସ ତଳେ ଦିଆଯାଇଛି ।

### ପୋଷାକ

ପୂର୍ବରୁ ହୋଲି ଖେଳିବା ସମୟରେ ପୁରୁଣା ପୋଷାକ ପିନ୍ଧୁଥିଲେ, କିନ୍ତୁ ବର୍ତ୍ତମାନ ମହିଳା ବା ପୁରୁଷ ହୋଲି ପାର୍ଟିରେ ନୂଆ ଏବଂ ଷ୍ଟାଇଲିସ୍ ପୋଷାକ ପିନ୍ଧିବା ପାଇଁ ଅଧିକ ପସନ୍ଦ କରୁଛନ୍ତି । ଯୁବତୀ ବା ଯୁବକମାନଙ୍କ ପାଇଁ କିଛି ବିଶେଷ ଫ୍ୟାସନ୍‌ର ବିକଳ୍ପ ରହିଛି । ଯାହାକୁ ପିନ୍ଧି ସେମାନେ ଷ୍ଟାଇଲିସ୍ ଏବଂ ଟ୍ରେଣ୍ଡି ଦେଖାଯାଇପାରିବେ । ଏହି ହୋଲି ପାର୍ଟି ପାଇଁ କୁର୍ତ୍ତା-ପାଇଜାମା ସର୍ବୋତ୍ତମ ବିକଳ୍ପ ଭାବରେ ବିବେଚନା କରାଯାଏ । ଯଦି ଆପଣ ଚାହାଁନ୍ତି, ତେବେ ସାଲୁଆର, ପାଇଜାମା ବା ଧୋତି ମଧ୍ୟ ଟ୍ରାଏ କରିପାରିବେ । ହୋଲି ସମୟରେ ରଙ୍ଗବେରଙ୍ଗର ଟି-ସାର୍ଟ ଏକ ଉତ୍ତମ ବିକଳ୍ପ । ଏହାକୁ ରିପିଡ୍ ଜିନ୍ସ କିମ୍ବା ସର୍ଟସ୍ ସହିତ ପିନ୍ଧିପାରିବେ ।

### କେଶର ଯତ୍ନ

ରଙ୍ଗରେ କିଛି କେମିକାଲ୍ ଥାଏ ଯାହା କେଶ ଏବଂ ମୁହଁରେ ଖରାପ ପ୍ରଭାବ ପକାଇ ଥାଏ । ଏଭଳି ସ୍ଥିତିରେ, କେଶର ଉପଯୁକ୍ତ ଯତ୍ନ ନିଆ ନଯାଏ ତେବେ କେଶକୁ ରୁକ୍ଷ ବା ଦୁର୍ବଳ କରିଦିଏ । ତେଣୁ କେଶକୁ ସୁରକ୍ଷିତ ରଖିବା ପାଇଁ କିଛି ସହଜ ଉପାୟ ଗ୍ରହଣ କରିବା ଆବଶ୍ୟକ । ରଙ୍ଗ ଖେଳିବା ପୂର୍ବରୁ ଏବଂ ରଙ୍ଗ ଖେଳିବା ପରେ କେଶର ଯତ୍ନ ନେବା ଉଚିତ୍ । ଯାହା ଦ୍ୱାରା କେଶର କୌଣସି ହାନିକାରକ ହେବନାହିଁ । ହୋଲି ଖେଳିବା ପୂର୍ବରୁ ନଡ଼ିଆ ତେଲ, ଅଲିଭ୍ କିମ୍ବା ବାଦାମ ତେଲ କେଶରେ ବ୍ୟବହାର କରନ୍ତୁ । ଯାହା ଦ୍ୱାରା ରଙ୍ଗ କେଶରେ ଲାଗେନାହିଁ ସହଜରେ ବାହାରି ଯିବ ଏବଂ କେଶ ନଷ୍ଟ ହୋଇନଥାଏ ।

### ତ୍ୱଚା ଯତ୍ନ

ବେଳେବେଳେ ତ୍ୱଚା ରାସାୟନିକ ରଙ୍ଗ ହେତୁ ଅନେକ ସମସ୍ୟାର ସମ୍ମୁଖୀନ ହୋଇପାରେ । ଯେମିତିକି ଇଚିଂ, ରସିଂ ଏବଂ ଶୁଷ୍କତାକୁ ଏଡ଼ାଇବା ପାଇଁ ହୋଲି ଖେଳିବା ପୂର୍ବରୁ ତ୍ୱଚାରେ କିଛି ପ୍ରାକୃତିକ ସାମଗ୍ରୀ ବ୍ୟବହାର କରିବା ଆବଶ୍ୟକ । ଯେପରି ଅଲିଭ ତେଲ, ବାଦାମ ତେଲ, ଆଲୋଭେରା ଜେଲ୍, ନଡ଼ିଆ ତେଲ ତ୍ୱଚାରେ ଲଗାନ୍ତୁ । ଏହିସବୁ ହୋଲି ରଙ୍ଗରୁ ଇଚିଂ ଏବଂ ଶୁଷ୍କତାକୁ ରୋକିବାରେ ସାହାଯ୍ୟ କରେ । ଯାହା ଫଳରେ ରଙ୍ଗ ସିଧାସଳଖ ତ୍ୱଚାରେ ଲାଗି ରୁହେ ନାହିଁ । ଏହାକୁ ଲଗାଇବା ଦ୍ୱାରା ତ୍ୱଚାକୁ ହାଇଡ୍ରେଟେଡ୍ ରଖେ ଏବଂ ଶୁଷ୍କତାକୁ ରୋକିଥାଏ । ତେଣୁ ହୋଲି ଖେଳିବା ପୂର୍ବରୁ ତ୍ୱଚାରେ ଏହିସବୁ ପ୍ରାକୃତିକ ଉପଚାର ବ୍ୟବହାର କରିବା ପାଇଁ ଭୁଲନ୍ତୁ ନାହିଁ ।





ରୋଷେଇ ଘରୁ

# ସୁଜି ଖୁଆ ଗୁଜିୟା



**ଆବଶ୍ୟକ ସାମଗ୍ରୀ:** ମଇଦା-୫୦୦ ଗ୍ରାମ୍, ଦେଶି ଘିଅ-୧/୨କପ୍, ବାଦାମ, କାଜୁ, ପିସ୍ତା, ଡ୍ରାଏ କୋକାନଟ୍-୧/୨ କପ୍, ଅଧା କପ୍ ସୁଜି, ଖୁଆ-୫୦୦ଗ୍ରାମ୍, କିସିମିସ୍, ଗୁଜୁରାତି ଗୁଣ୍ଡ-୧ ଚାମଚ, ଚିନି-୧କପ୍, ତେଲ ।

**ପ୍ରଣାଳୀ:** ହୋଲିରେ ସ୍ପେଶାଲ୍ ଗୁଜିୟା ଘରେ ତିଆରି କରନ୍ତୁ । ପ୍ରଥମେ ବଡ଼ ଗିନାରେ ମଇଦାର ଅଧା କପ୍ ଦେଶି ଘିଅ ଦେଇ ଭଲ ଭାବେ ହାତରେ ମିଶେଇବେ । ମଇଦା ଘିଅ ସହିତ ମିଶିଗଲା ପରେ ଏଥିରେ ଅଳ୍ପ ଅଳ୍ପ ପାଣି ଦେଇ ଚକଡ଼ିବେ । ଏହାକୁ ୨୦ ମିନିଟ୍ ପାଇଁ ଘୋଡ଼େଇ ରଖନ୍ତୁ । ପୂର ପ୍ରସ୍ତୁତ କରିବା ପାଇଁ ପ୍ୟାନ୍‌ରେ ଘିଅ ଗରମ ହେଲେ ସେଥିରେ ବାଦାମ, କାଜୁ, ପିସ୍ତାକୁ ଭାଜିନେବେ । ସେହି ପ୍ୟାନ୍‌ରେ ଡ୍ରାଏ କୋକାନଟ୍‌କୁ ମଧ୍ୟ ଭାଜିରଖନ୍ତୁ । ସେଥିରେ ପୁଣି ସୁଜିକୁ ବ୍ରାଉନ୍ କଲର୍ ହେବା ପର୍ଯ୍ୟନ୍ତ ଭାଜିବେ । ଭାଜି ରଖିଥିବା ଡ୍ରାଏ ଫ୍ରୁଟ୍‌କୁ ଛୁରିରେ ଛୋଟ ଛୋଟ କରି କାଟି ନିଅନ୍ତୁ । ପ୍ୟାନ୍ ଗରମ ହେଲା ପରେ ଏଥିରେ ଖୁଆ, କିସିମିସ୍, ଗୁଜୁରାତି ଗୁଣ୍ଡ ଦେଇ ଗ୍ୟାସ୍ ବନ୍ଦ କରିନେବେ । ଏଥିରେ କାଟି ରଖିଥିବା ଡ୍ରାଏ ଫ୍ରୁଟ୍, ଚିନି, ଡ୍ରାଏ କୋକାନଟ୍, ସୁଜି ଦେଇ ଭଲ ଭାବେ ମିଶାନ୍ତୁ । ଚକଡ଼ି ରଖିଥିବା ମଇଦାକୁ ଗୋଲାକାର କରି ବେଲେଣା କାଠି ସାହାଯ୍ୟରେ ବେଲି ମୋଲ୍ଡ ଉପରେ ରଖି ତାର ଚାରି କଡ଼ରେ ଅଳ୍ପ ପାଣି ମାରିବେ । ସେଥିରେ ପୂର ଦେଇ ଛାଞ୍ଚକୁ ବନ୍ଦ କରି ଚାପି ଦିଅନ୍ତୁ । ପରେ ଛାଞ୍ଚରୁ ବାହାର କରିନେବେ । ପ୍ୟାନ୍‌ରେ ତେଲ ଗରମ ହେଲେ ଏହି ଗୁଜିୟାକୁ ଛାଣିବେ । ଗୁଜିୟା ବ୍ରାଉନ୍ କଲର୍ ହେବା ପର୍ଯ୍ୟନ୍ତ ଛାଣନ୍ତୁ । ଗରମ ଗରମ ଖାଇବାକୁ ଦିଅନ୍ତୁ, ଏହାର ମଜା ପାଇପାରିବେ ।

## ସାପ୍ତାହିକ ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା

ନିମାପଡ଼ା, ପୁରୀ, ମୋବାଇଲ୍: ୯୭୭୭୨୫୨୨୪୦

**ମେଷ**
ସପ୍ତାହଟି ବ୍ୟବସାୟରେ ଉନ୍ନତି ହେବ । କର୍ମକ୍ଷେତ୍ରରେ ସଫଳତା ମିଳିବ । ଅର୍ଥଲାଭର ସୁଯୋଗ ଆସିବ । ସୁଖ ସମୃଦ୍ଧି ବୃଦ୍ଧିପାଇବ । ବନ୍ଧୁମାନଙ୍କ ସହଯୋଗରେ ଉନ୍ନତି ହେବ । ବିଭିନ୍ନ ବାଧାବିଘ୍ନ ଦୂର ହେବ । ପ୍ରତିକାର - ସୋମବାର ଦିନ ଶିବ ଦର୍ଶନ କରଣୀୟ ।

**ବୃଷ**
ସପ୍ତାହଟି ବାଦବିବାଦରୁ ଦୂରେଇ ରୁହନ୍ତୁ । ହଇରାଣରେ ପଡ଼ିପାରନ୍ତି । କଠିନ ପରିଶ୍ରମ ଦ୍ୱାରା ବ୍ୟବସାୟରେ ଉନ୍ନତି ହୋଇପାରେ । ଶରୀର ଅସୁସ୍ଥ ରହିବ । ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି । ପ୍ରତିକାର - କଳା ଗାଈକୁ ରୁଟି ଖାଇବାକୁ ଦିଅନ୍ତୁ ।

**ମିଥୁନ**
ସପ୍ତାହଟି କର୍ମକ୍ଷେତ୍ରରେ ସଫଳତା ମିଳିବ । ଧନଲାଭର ସୁଯୋଗ ଆସିବ । ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ । ବନ୍ଧୁମାନଙ୍କ ସହଯୋଗ ମିଳିବ । ସନ୍ତାନ ସୁଖରେ ସୁଖୀ ହେବେ । ପ୍ରତିକାର - ମଙ୍ଗଳବାର ଦିନ ହନୁମାନ ଚାଳିଶା ପାଠ କରନ୍ତୁ ।

**କର୍କଟ**
ସପ୍ତାହଟି ଆୟ ଅପେକ୍ଷା ବ୍ୟୟ ଅଧିକ ହେବ । ନିଜ କାର୍ଯ୍ୟରେ ବାଧା ସୃଷ୍ଟି ହେବ । ଶାରୀରିକ ଅସୁସ୍ଥତା ବୃଦ୍ଧି ପାଇବ । ପାରିବାରିକ ଅଶାନ୍ତି ବୃଦ୍ଧି ପାଇବ । ମହିଳାମାନେ ନିଜ କାମରେ ଲାଗି ରହିବେ । ପ୍ରତିକାର - ଗୁରୁବାର ଦିନ ବ୍ରାହ୍ମଣକୁ ଖାଇବାକୁ ଦିଅନ୍ତୁ ।

**ସିଂହ**
ସପ୍ତାହଟି ଚାକିରି କ୍ଷେତ୍ରରେ ଆକସ୍ମିକ ପରିବର୍ତ୍ତନ ହେବ । ଶତ୍ରୁମାନେ ପରାଜିତ ହେବେ । ସ୍ୱାସ୍ଥ୍ୟର ଉନ୍ନତି ହେବ । ବିଭିନ୍ନ ସମସ୍ୟାର ସମାଧାନ ହୋଇପାରେ । ପ୍ରତିକାର - ରବିବାର ସୂର୍ଯ୍ୟଙ୍କୁ ଜବା ଫୁଲ ଦେଇ ଜଳଲାଗି କରନ୍ତୁ ।

**କନ୍ୟା**
ସପ୍ତାହଟି ବ୍ୟବସାୟରେ ଲାଭବାନ ହେବେ । ବନ୍ଧୁ ସହଯୋଗ ମିଳିବ । ଧନଲାଭର ସୁଯୋଗ ଆସିବ । ଅଭିଳାଷ ପୂରଣ ହେବ । ପଦୋନ୍ନତିର ସମ୍ଭାବନା ଅଛି । ପାରିବାରିକ ଶାନ୍ତି ମିଳିବ । ପ୍ରତିକାର - ବୁଧବାର ଦିନ ଗଣେଶଙ୍କୁ ପୂଜା କରଣୀୟ ।

**ତୁଳା**
ସପ୍ତାହଟି ମାନ ସମ୍ମାନ ବୃଦ୍ଧି ପାଇବ । ପାରିବାରିକ ସମସ୍ୟା ସମାଧାନ ହେବ । ଚାକିରି କ୍ଷେତ୍ରରେ ଉନ୍ନତି ହେବ । ବ୍ୟବସାୟରେ ହଇରାଣ ହୋଇପାରନ୍ତି । ବନ୍ଧୁ ସହଯୋଗ ମିଳିବ । ପ୍ରତିକାର - ଶୁକ୍ରବାର ଦିନ ମା' ଲକ୍ଷ୍ମୀଙ୍କୁ ପୂଜା କରଣୀୟ ।

**ବିଛା**
ସପ୍ତାହଟି କର୍ମକ୍ଷେତ୍ରରେ ସ୍ଥାନାନ୍ତରଣ ଯୋଗ ଅଛି । ଶତ୍ରୁମାନେ ପରାଜିତ ହେବେ । ଅଭୀଷ୍ଟ ପୂରଣ ହେବ । ମାନ ସମ୍ମାନ ବୃଦ୍ଧି ପାଇବ । ଶାରୀରିକ ଅସୁସ୍ଥତା ଦେଖା ଦେବ । ପ୍ରତିକାର - ମଙ୍ଗଳବାର ଦିନ ଛୋଟପିଲାଙ୍କୁ ମିଠା ଖାଇବାକୁ ଦିଅନ୍ତୁ ।

**ଧନୁ**
ସପ୍ତାହଟି ବ୍ୟବସାୟରେ କ୍ଷତି ହୋଇପାରେ । କର୍ମକ୍ଷେତ୍ରରେ ଅସୁବିଧାରେ ପଡ଼ିପାରନ୍ତି । ବନ୍ଧୁମାନେ ହଇରାଣ କରିପାରନ୍ତି । ପାରିବାରିକ ଅଶାନ୍ତି ବୃଦ୍ଧିପାଇବ । ଶାରୀରିକ ଅସୁସ୍ଥତା ବୃଦ୍ଧି ପାଇବ । ପ୍ରତିକାର - ଗୁରୁବାର ଦିନ ମା' ଲକ୍ଷ୍ମୀଙ୍କ ପୂଜା କରଣୀୟ ।

**ମକର**
ସପ୍ତାହଟି କଠିନ ପରିଶ୍ରମ ଦ୍ୱାରା ସଫଳତା ଲାଭ କରିବେ । ବ୍ୟବସାୟରେ ହଇରାଣ ହୋଇପାରନ୍ତି । ଆର୍ଥିକ ପରିସ୍ଥିତି ସୁଦୃଢ଼ ରହିବ । ଶାରୀରିକ ଅସୁସ୍ଥତା ବୃଦ୍ଧି ପାଇବ । ପ୍ରତିକାର - ସକାଳୁ କାଉକୁ ରୁଟି ଖାଇବାକୁ ଦିଅନ୍ତୁ ।

**କୁମ୍ଭ**
ସପ୍ତାହଟି ଆର୍ଥିକ ସମସ୍ୟାର ସମ୍ମୁଖୀନ ହେବେ । କର୍ମକ୍ଷେତ୍ରରେ ଅଶାନ୍ତି ଦେଖା ଦେବ । ଶାରୀରିକ ଅସୁସ୍ଥତା ବୃଦ୍ଧି ପାଇବ । ମାନସିକ ଅଶାନ୍ତି ଦେଖାଦେବ । ପ୍ରତିକାର - ଶନିବାର ଦିନ ଶିବ ଦର୍ଶନ କରନ୍ତୁ ।

**ମୀନ**
ସପ୍ତାହଟି ବ୍ୟବସାୟରେ ଲାଭବାନ ହେବେ । ସମସ୍ତ କାର୍ଯ୍ୟରେ ସିଦ୍ଧିଲାଭ କରିବେ । ସାମାଜିକ ସମ୍ମାନ ଲାଭ କରିବେ । ନିଜ କାର୍ଯ୍ୟରେ ସଫଳତା ପାଇବେ । ପାରିବାରିକ ଅଶାନ୍ତି ଦେଖାଦେବ । ପ୍ରତିକାର - ଗୁରୁବାର ଦିନ ବୃହସ୍ପତିଙ୍କ ମନ୍ତ୍ରପାଠ କରନ୍ତୁ ।

ପର୍ଯ୍ୟଟନ

# ଦକ୍ଷିଣର ତାଜ୍‌ମହଲ- ଗୋଲ୍ ଗୁମ୍ବଜ



କର୍ଣ୍ଣାଟକର ବୀଜାପୁରରେ ସ୍ଥିତ ଗୋଲ୍ ଗୁମ୍ବଜ ଏକ କବରସ୍ଥଳ। ଆଦିଲ୍ ଶାହୀ ବଂଶର ସପ୍ତମ ସୁଲ୍‌ତାନ, ମହମ୍ମଦ ଆଦିଲ୍ ଶାହଙ୍କର ଏହା ହେଉଛି କବର। ଏହାକୁ ଫାର୍ସୀ ବାସ୍ତୁକାର ଦାବୁଲ୍ କେ ୟାକୁତ ନିର୍ମାଣ କରିଥିଲେ। ରୋମ୍‌ର ସେଣ୍ଟ୍ ପିଟର୍ସ ବାସିଲିକା ପରେ ଏହା ହେଉଛି ବିଶ୍ୱର ଦ୍ୱିତୀୟ ବଡ଼ ଗୁମ୍ବଜ। ଏହାର ଚତୁଃପାର୍ଶ୍ୱରେ ମୀନାର୍ ସମାନ ସାତମହଲା ବିଶିଷ୍ଟ ଅଷ୍ଟକୋଣୀୟ ଶିଖର ବା ଟାୱାର୍ ରହିଛି। ଏହି ମଜାର ବା କବରର ମୁଖ୍ୟ ଆକର୍ଷଣ ଏହାର କେନ୍ଦ୍ରୀୟ କକ୍ଷ ଯେଉଁଠାରେ ଧ୍ୱନିର ସାତ ଥର ପ୍ରତିଧ୍ୱନି ଶୁଣିବାକୁ ମିଳେ। ସେଥିପାଇଁ ଏହାକୁ ହ୍ୱିସ୍‌ପରିଂ ଗ୍ୟାଲେରୀ ବୋଲି ମଧ୍ୟ କୁହାଯାଏ। ଯଦିଓ ସେଠାକୁ ପର୍ଯ୍ୟଟକମାନେ ସେତେ ସଂଖ୍ୟାରେ ଯାଆନ୍ତି ନାହିଁ କିନ୍ତୁ ଯଦି ଆପଣ ଇତିହାସପ୍ରେମୀ ତେବେ ଆପଣ ଗୋଲ୍ ଗୁମ୍ବଜ ଦେଖିବାକୁ ନିଶ୍ଚିତ ଭାବରେ ଯିବା ଉଚିତ। ବୀଜାପୁର ଓ ଏହାର ଆଖପାଖରେ ୩୦୦ରୁ ଅଧିକ ଐତିହାସିକ ମସ୍‌ଜିଦ, ମଜାର ଓ ମହାନ ସଂରଚନାଗୁଡ଼ିକ ରହିଛି ଯେଉଁଗୁଡ଼ିକ ବିଷୟରେ ଅନେକ ପର୍ଯ୍ୟଟକ ଜାଣିନାହାନ୍ତି। ତେବେ ଏହି ଗୁମ୍ବଜର ଆକାର ତାଜ୍‌ମହଲ ଠାରୁ ଦୁଇ ଗୁଣ ବଡ଼ ହେବ। ଏହି ସଂରଚନା ସାଗର ଓ ଭବ୍ୟତାର ପ୍ରତୀକ ଅଟେ।



ଇତିହାସ-ପାଖାପାଖି ସପ୍ତଦଶ ଶତାବ୍ଦୀରେ ତାଜ୍‌ମହଲ ଓ ଗୋଲ୍ ଗୁମ୍ବଜର ନିର୍ମାଣ କରାଯାଇଥିଲା। ୧୬୩୨ରେ ତାଜ୍‌ମହଲର ନିର୍ମାଣ ଆରମ୍ଭ ହେବା ପୂର୍ବରୁ ମହମ୍ମଦ ଆଦିଲ୍ ଶାହ ନିଜର କବରସ୍ଥଳୀର ନିର୍ମାଣ ଆରମ୍ଭ କରିଦେଇଥିଲେ ଯାହା ୧୬୫୬ରେ ଶେଷ ହୋଇଥିଲା। ତାଜ୍‌ମହଲର ମୁଖ୍ୟ ଗମ୍ବୁଜର ନିର୍ମାଣ ହୋଇଥିଲା ୧୬୪୮ରେ। ୨୦ ବର୍ଷରୁ ଅଧିକ ସମୟ ପର୍ଯ୍ୟନ୍ତ ଗୋଲ୍ ଗୁମ୍ବଜର ନିର୍ମାଣ କାର୍ଯ୍ୟ ଚାଲିଥିଲା ଓ ମହମ୍ମଦ ଆଦିଲ୍ ଶାହଙ୍କ ମୃତ୍ୟୁ ସହିତ ଏହି କାମ ଅଟକି ରହିଥିଲା। ଏହାର ଭବ୍ୟ ଡିଜାଇନ୍‌ର କାମ କେବେ ମଧ୍ୟ ପୂରା ହୋଇପାରିଲା ନାହିଁ। ସିଂହାସନ ଆରୋହଣ କରିବା ପୂର୍ବରୁ ଆଦିଲ୍ ଶାହ ଗୋଲ୍ ଗୁମ୍ବଜର ନିର୍ମାଣ ଆରମ୍ଭ କରିଥିଲେ। ସେ ତାଙ୍କ ପିତାଙ୍କର କବର ଠାରୁ ବଡ଼ କରି ନିଜର କବରର ନିର୍ମାଣ କରିବାକୁ ଚାହିଁଥିଲେ। ଗୋଲ୍ ଗୁମ୍ବଜ କେବଳ ଯେ ମହମ୍ମଦ ଆଦିଲ୍ ଶାହଙ୍କ ବିଶ୍ରାମ ସ୍ଥଳ ତାହା ନୁହେଁ ସେଠାରେ ତାଙ୍କ ପତ୍ନୀ, ଝିଅ, ନାତି ଓ ରମ୍ଭା ନାମକ ମାଲକିନ୍‌ର ମଧ୍ୟ ଶେଷ ବିଶ୍ରାମସ୍ଥଳ ରହିଛି। ଭୂପୃଷ୍ଠ ସ୍ତରରୁ ଯଥେଷ୍ଟ ତଳେ ଥିବା ଏକ ଉଚ୍ଚ ସ୍ଥାନରେ ଏହି ପାଞ୍ଚ ଜଣଙ୍କୁ କବର ଦିଆଯାଇଛି।





ପ୍ରତିଧ୍ୱନିର ଯାଦୁ-ଗୋଲ ଗୁମ୍ବଜର ମୁଖ୍ୟ ଆକର୍ଷଣ ଏହାର ପ୍ରତିଧ୍ୱନି। ଗ୍ୟାଲେରୀର ବାସ୍ତୁକଳା ଏପରି ଭାବରେ ନିର୍ମିତ ହୋଇଛି ଯେ ସେଠାରେ ଧୀରେ କଥା କହିଲେ କିମ୍ବା ଫୁସ୍‌ଫୁସ୍ ହୋଇ କିଛି କହିଲେ ଥରେ ନୁହେଁ କି ଦୁଇ ଥର ନୁହେଁ ଲଗାତର ୭-୧୦ ଥର ପର୍ଯ୍ୟନ୍ତ ପ୍ରତିଧ୍ୱନି ଶୁଣିବାକୁ ମିଳେ। ଗୋଲ୍ ଗୁମ୍ବଜ ଭିତରେ ଏକ ବିଶାଳ ଚାମ୍ବର ରହିଛି ଯାହା ୧୭୦୦ ବର୍ଗ ମିଟରର ହେବ। ଏହାକୁ ବିଶ୍ୱର ସବୁଠାରୁ ବଡ଼ ଚାମ୍ବର୍ ବୋଲି କୁହାଯାଏ।





ନକ୍କର ଖାନା- ଗୋଲ୍ ଗୁମ୍ବଜ ପରିସରରେ ନକ୍କର ଖାନା ନାମକ ଏକ ସ୍ମାରକ ରହିଛି ଯାହା ରାଜପରିବାରର ଅତିଥିମାନଙ୍କୁ ସ୍ୱାଗତ କରିବାକୁ ନିର୍ମିତ ହୋଇଥିଲା। ବର୍ତ୍ତମାନ ଏହାର ପୂରା ପରିସର ଏଏସ୍‌ଆଇର ଅଧୀନରେ ରହିଛି। ଏହା ପୂର୍ବରୁ ଇଂରେଜମାନେ ପୁରୁଣା ସମୟର କଳାକୃତିଗୁଡ଼ିକୁ ରଖିବା ପାଇଁ ନକ୍କର ଖାନା ଅର୍ଥାତ ଡ୍ରମ୍ ହାଉସ୍‌କୁ ଏକ ସଂଗ୍ରହାଳୟରେ ପରିବର୍ତ୍ତିତ କରିଦେଇଥିଲେ। ଏହା ଦେଶର ସବୁଠାରୁ ପୁରାତନ ସଂଗ୍ରହାଳୟ ଭାବରେ ମାନ୍ୟତା ପାଇଛି।



ବିଶାଳ ଗୁମ୍ବଜ-ଗୋଲ୍ ଗୁମ୍ବଜର ଏକ ବଡ଼ ବିଶେଷତା ହେଉଛି ବିଶାଳ ଗୁମ୍ବଜ। ଏହାର ବ୍ୟାସ ୧୪୪.୩ ମିଟର ପର୍ଯ୍ୟନ୍ତ ବ୍ୟାପି ରହିଛି। ବିନା କୌଣସି ସାହାରାରେ ଏହି ଗୁମ୍ବଜ ଛିଡ଼ାହୋଇଛି। ତାଜମହଲ ପରି ଦେଖାଯାଉଥିବାରୁ ଗୋଲ ଗୁମ୍ବଜକୁ 'ଦକ୍ଷିଣର ତାଜ୍‌ମହଲ' ବା 'ବ୍ଲାକ୍ ତାଜ୍‌ମହଲ' ବୋଲି କୁହାଯାଏ। ଡାର୍କ ଗ୍ରେ ବେସାଲ୍ଟ ପଥରରେ ଏହି ସ୍ମାରକର ନିର୍ମାଣ କରାଯାଇଛି ଓ ଏହି ସ୍ମାରକର ବାସ୍ତୁକଳାର ଶୈଳୀ ଡେକ୍କନ୍ ଇଣ୍ଡୋ-ଇସ୍ଲାମିକ୍ ଷ୍ଟାଇଲ୍ ଅନୁସାରେ ନିର୍ମାଣ କରାଯାଇଥିଲା।

କିପରି ଯିବେ-ବୀଜାପୁର ପାଇଁ ନିକଟତମ ଘରୋଇ ବିମାନ ବନ୍ଦର ହେଉଛି ବେଲାଗାଭି। ପର୍ଯ୍ୟଟକମାନେ ଗୋଆ, ପୁନେ ଓ ହାଇଦ୍ରାବାଦ ଅନ୍ତଃରାଷ୍ଟ୍ରୀୟ ବିମାନ ବନ୍ଦରରୁ ମଧ୍ୟ ଯାଇପାରିବେ। ବୀଜାପୁର ବେଙ୍ଗାଲୁରୁ, ମୁମ୍ବାଇ ଓ ଅନ୍ୟ ପ୍ରମୁଖ ସହରଗୁଡ଼ିକ ସହିତ ରେଳମାର୍ଗ ଦ୍ୱାରା ଯୋଡ଼ିହୋଇ ରହିଛି। ଅନ୍ୟ ସହରଗୁଡ଼ିକ ସହିତ ମଧ୍ୟ ସଡ଼କ ମାର୍ଗ ଦ୍ୱାରା ଯୋଡ଼ିହୋଇ ରହିଛି ବୀଜାପୁର। ତେଣୁ ପର୍ଯ୍ୟଟକମାନେ ସହଜରେ ବୀଜାପୁର ପର୍ଯ୍ୟନ୍ତ ପହଞ୍ଚି ପାରିବେ।



# ପରୀକ୍ଷା ପରେ କରିବେ କଣ ?

ପରୀକ୍ଷା ଆଉ କିଛିଦିନ ପରେ ସରିଯିବ । ପିଲାମାନେ ପାଠପଢ଼ାରୁ କିଛି ଦିନ ପାଇଁ ସାମୟିକ ଭାବରେ ମୁକ୍ତି ପାଇବେ କିମ୍ବା ଅଧିକ ଅଧ୍ୟୟନ ପାଇଁ କୌଣସି କୋଚିଂ ନେବା ପାଇଁ ମନସ୍ଥ କରିବେ । ଏହି ସମୟରେ ପରୀକ୍ଷାର ଚାପ ନଥିବାରୁ ଟେନ୍‌ସନ୍‌ରୁ ସିନା ମୁକ୍ତି ପାଇବେ, କିନ୍ତୁ କୌଣସି ନିଷ୍ପତ୍ତି ନେବାରେ ଯଦି ଅବହେଳା ପ୍ରଦର୍ଶନ କରିବେ, ଆଗାମୀ ବର୍ଷ ପାଇଁ ଅସୁବିଧାରେ ସମ୍ମୁଖୀନ ହେବେ । ଯଦି ମାଟ୍ରିକ ପରୀକ୍ଷା ଦେଇଛନ୍ତି, ତା'ହେଲେ କେଉଁ ବିଷୟରେ ଅଧ୍ୟୟନ କରିବେ, ସେ ବାବଦରେ ଭାବିଚିନ୍ତି ନିଷ୍ପତ୍ତି ନେବା ଦରକାର । ସେଥିପାଇଁ ଏହି ସମୟରେ ପଢ଼ାପଢ଼ି କରିବା ସହ ପ୍ରସ୍ତୁତି ମଧ୍ୟ ହେବା ଦରକାର । ଅନେକ ପରୀକ୍ଷା ସରିଯାଇଛି ଭାବି ନିଶ୍ଚିନ୍ତରେ ବସିଯିବେ । ସମୟ ଆସିଲେ ପଢ଼ିବେ କିମ୍ବା ଆଡ୍‌ମିଶନ୍ ପରେ ଅଧ୍ୟୟନ ଆରମ୍ଭ କରିବେ, ଭାବିବା ଭୁଲ କଥା । ଅଭିଭାବକମାନେ ଏହି ଦିଗରେ ସଚେତନ ହେବା ଆବଶ୍ୟକ । ଅନେକ ଗୀତ ଶିଖିବା, ଡ୍ରଇଁ କରିବା, ନାଚ ଶିଖିବା ଭଳି ସୃଜନାତ୍ମକ କାର୍ଯ୍ୟ ପାଇଁ ଆଗଭର ହୋଇଥାନ୍ତି । ଖରା ଛୁଟିରେ ମଧ୍ୟ ଏହିସବୁ କାର୍ଯ୍ୟ କରାଯାଇପାରେ । ପିଲାମାନେ ପାଠଚାପରେ ରହି କୌଣସି ସୃଜନାତ୍ମକ କାର୍ଯ୍ୟରେ ଅଂଶଗ୍ରହଣ କରନ୍ତି ନାହିଁ । ଏଣୁ ପିଲାମାନଙ୍କୁ ଏହି ଛୁଟି ସମୟରେ ଯଦି ନିୟୋଜିତ କରି ରଖିବେ, ତା'ହେଲେ ସେମାନେ ନିଜ ସୃଜନର ଅଭିବୃଦ୍ଧି କରିପାରିବେ ।





# ଟେନ୍‌ସନ୍ ମୁକ୍ତ ରୁହନ୍ତୁ



ମଣିଷ ଜୀବନରେ ସର୍ବଦା କିଛି ନାକିଛି ଟେନ୍‌ସନ୍ ରହିଥାଏ । ସକାଳୁ ସଞ୍ଜ ଯାଏ ବିଭିନ୍ନ କାମ କରିବା ଭିତରେ ନିହାତି ଭାବରେ ଟେନ୍‌ସନ୍ ଆସିଥାଏ । ଅଫିସ ହେଉ ଅବା ଘର, ନିଜକୁ ସର୍ବଦା ମୁକ୍ତ କରିବାକୁ ଚେଷ୍ଟା କରନ୍ତୁ । କୌଣସି କାର୍ଯ୍ୟରେ ଅଯଥା ହସ୍ତକ୍ଷେପ କରନ୍ତୁ ନାହିଁ କି କୌଣସି ଟେନ୍‌ସନ୍ ନିଜ ଆଡ଼କୁ ଆଣନ୍ତୁ ନାହିଁ । ନିଜକୁ କାର୍ଯ୍ୟରେ ବ୍ୟସ୍ତ ରଖିବା ସହ ଯେଉଁ କାର୍ଯ୍ୟରେ କିଛି ମୂଲ୍ୟ ଅଛି, ସେହି କାର୍ଯ୍ୟ ହିଁ କରନ୍ତୁ । ଅନେକଲୋକ ଅଯଥା କଥାରେ ମୁଣ୍ଡ ପୂରେଇ ବିଭିନ୍ନ ଟେନ୍‌ସନ୍ ନିଜ ଆଡ଼କୁ ଆଣିଥାନ୍ତି । ଏହାଦ୍ୱାରା ନିଜେ ବିଶୃଙ୍ଖଳିତ ହେବା ସହ ଅନ୍ୟକୁ ମଧ୍ୟ ପ୍ରଭାବିତ କରିଥାନ୍ତି । ଅଫିସରେ ଅନେକ ସମୟରେ ଯଦି କୌଣସି କାମକୁ ନେଇ ନିଜେ ଟେନ୍‌ସନ୍ ନେଉଛନ୍ତି, ତାହା ଅନେକ କ୍ଷତି କରିବ ମଧ୍ୟ । କୌଣସି କାର୍ଯ୍ୟକୁ ଠିକ୍ ଭାବରେ କରି ନପାରିବା ଓ ଅଫିସରେ ଅନେକ କାର୍ଯ୍ୟକୁ ଅଣଦେଖା କରିବା ସହ ଉଭୟଙ୍କର କ୍ଷତି ସାଧନ ହୋଇଥାଏ । ନିଜକୁ ସେଥିପାଇଁ ଟେନ୍‌ସନ୍ ମୁକ୍ତ ରଖିବାକୁ ସରଳ ଉପାୟ ଅବଲମ୍ବନ କରିବାକୁ ପଡ଼ିବ । ନିଜ କାମ ଯେତିକି ସେତିକିରେ ମୁଣ୍ଡ ପୂରେଇବା ସହିତ କୌଣସି ଅଯଥା କାମରେ ମୁଣ୍ଡ ଖର୍ଚ୍ଚ କରିବାର ଆଦୌ ଆବଶ୍ୟକତା ନାହିଁ । ଗାନ୍ଧୀଙ୍କ କଥାନୁସାରେ ସରଳ ଜୀବନଧାରଣ ଓ ଉଚ୍ଚ ଚିନ୍ତାଧାରା ନୀତି ଆପଣେଇଲେ, କେବେ କୌଣସି ସମୟରେ ଟେନ୍‌ସନ୍ ନେବାକୁ ପଡ଼ିବ ନାହିଁ ।



# ଜାତୀୟ ସବୁଜ ଅଦାଲତର ଭୂମିକା

■ ଯୁଧିଷ୍ଠିର ମହାରଣା

**ସାଧାରଣତଃ ଆମେ ବାୟୁ, ଜଳ, ଶବ୍ଦ ପ୍ରଦୂଷଣର ଭୟାବହତା ବିଷୟରେ ଊଣାଧିକେ ଜାଣିଛେ। ମୁଖ୍ୟତଃ କଳକାରଖାନା, ଖଣି ଖାଦାନ, ଯାନବାହାନ, ଶୀତତପ ନିୟନ୍ତ୍ରଣ ଯନ୍ତ୍ର ପ୍ରଭୃତିରୁ ନିର୍ଗତ ବାୟୁ ପ୍ରଦୂଷଣ ସୃଷ୍ଟି କରେ। ଅପରପକ୍ଷରେ ଜଣେ ମଣିଷ ପାଇଁ ଦିନକୁ ୧୦ରୁ ୧୫ ଲିଟର ଶୁଦ୍ଧ ବାୟୁ ଆବଶ୍ୟକ। ଏହାର ଅଭାବରେ ଗତ କରୋନା ସମୟରେ କିପରି ହଜାର ହଜାର ରୋଗୀଙ୍କ ମୃତ୍ୟୁ ଘଟିଥିଲା ତାହା ବିଷୟରେ ଆମେ ଜାଣିଛେ। ବାୟୁ ପ୍ରଦୂଷଣ ଯୋଗୁଁ ବିଭିନ୍ନ ପ୍ରକାର ମାରାତ୍ମକ ରୋଗ ମଧ୍ୟ ସୃଷ୍ଟି ହୁଏ। ସେହିପରି ଜଣଙ୍କ ପାଇଁ ଦିନକୁ ୩ରୁ ୫ ଲିଟର ବିଶୁଦ୍ଧ ପାନୀୟ ଜଳର ଆବାଶ୍ୟକତା ହୁଏ। ମାତ୍ର ଜଳ ବିଭିନ୍ନ କାରଣରୁ ପ୍ରଦୂଷିତ ହୋଇ ଜୀବଜଗତ ପାଇଁ ଆଉ ଏକ ମୁଖ୍ୟ ସମସ୍ୟା ସୃଷ୍ଟି କରୁଛି। ଶିଳ୍ପରୁ ବର୍ଜ୍ୟଜଳ, ସାର, କୀଟନାଶକ ପଦାର୍ଥ, ଲୋକମାନଙ୍କର ବ୍ୟବହୃତ ଆବର୍ଜନା ଇତ୍ୟାଦି ନଦୀନାଳରେ ମିଶି ଜଳ ପ୍ରଦୂଷଣ ସୃଷ୍ଟି ହୁଏ। ତା ଦ୍ୱାରା ବିଭିନ୍ନ ସଂକ୍ରାମକ ଓ ପ୍ରାଣଘାତୀ ରୋଗ ସୃଷ୍ଟି ହୁଏ। ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଏହି ସମସ୍ୟା ଅଧିକ ଦୃଷ୍ଟି ଗୋଚର ହୁଏ। ସେହିପରି କଳ-କାରଖାନା, ଖଣି-ଖାଦାନମାନଙ୍କରୁ ସୃଷ୍ଟ ଶବ୍ଦ ରକ୍ତଚାପ ବୃଦ୍ଧି ସହିତ ଶ୍ରବଣ ଓ ହୃଦଘାତ ସମସ୍ୟା ସୃଷ୍ଟି କରେ। ମଣିଷ ବ୍ୟତୀତ ପ୍ରାଣୀମାନେ ମଧ୍ୟ ଶବ୍ଦ ପ୍ରଦୂଷଣର ଶିକାର ହୁଅନ୍ତି।**

ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କଳକାରକାନା ଓ ଖଣିଖାଦାନର ମାଲିକ, ଠିକାଦାର, ସରକାରୀ, ବେସରକାରୀ ଅନୁଷ୍ଠାନ, ବ୍ୟକ୍ତିବିଶେଷଙ୍କ ପ୍ରମୁଖ ଭୂମିକା ରହିଥିବାବେଳେ ଏ ଦିଗରେ ଉଦ୍ୟମ ସମୁଦ୍ରକୁ ଶଙ୍ଖେ ପରି। ସର୍ବୋପରି ପ୍ରଦୂଷଣ ଗ୍ରାମ, ସହର, ଜିଲ୍ଲା, ରାଜ୍ୟ, ଦେଶର ସୀମା ସରହଦକୁ ମାନେ ନାହିଁ। ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ବହୁ ନିୟମ କାନୁନ ଅଛି। ସେଗୁଡ଼ିକ ମଧ୍ୟରେ ଜାତୀୟ ପରିବେଶ ଆଇନ, ଜଳ ପ୍ରଦୂଷଣ ଆଇନ, ବାୟୁ ପ୍ରଦୂଷଣ ଆଇନ, ବନ୍ୟଜନ୍ତୁ ଆଇନ, ଜଙ୍ଗଲ ସଂରକ୍ଷଣ ଆଇନ, ଭାରତୀୟ ପିଙ୍ଗଳ କୋଡ଼ ଅନ୍ୟତମ। ପ୍ରଦୂଷଣ ନିୟନ୍ତ୍ରଣ ଏବଂ ଏ ସମ୍ପର୍କିତ ଆଇନ କାନୁନ ତଦାରଖ ପାଇଁ କେନ୍ଦ୍ର ଓ ରାଜ୍ୟ ସ୍ତରରେ ପ୍ରଦୂଷଣ ବୋର୍ଡ଼ ମଧ୍ୟ ଗଠନ କରାଯାଇଛି।

ସରକାରୀ ସଂସ୍ଥା, ମୁନିସିପାଲଟି, ଜିଲ୍ଲାପାଳ, ତହସିଲଦାର, ବେସରକାରୀ ଅନୁଷ୍ଠାନ, କ୍ଷତିଗ୍ରସ୍ତ ଅଞ୍ଚଳର ଯୁବକ ସଂଘ କିମ୍ବା ବ୍ୟକ୍ତିବିଶେଷ ପ୍ରଦୂଷଣ ସୃଷ୍ଟିକାରୀଙ୍କ ବିରୁଦ୍ଧରେ ସ୍ଥାନୀୟ ଅଦାଲତରେ ମାମଲା ଦାୟର କରି ପ୍ରତିକାର ଲୋଡ଼ି ପାରିବେ। ମାତ୍ର ମାମଲା ଖର୍ଚ୍ଚ ଓ ସମୟ ଦୃଷ୍ଟିରୁ ଠିକ ସମୟରେ ଅନେକେ ମାମଲା କରି ପାରନ୍ତି ନାହିଁ। ଗୋଟିଏ ମାମଲାର ଫଇସଲା ହେବାକୁ ବର୍ଷ ବର୍ଷ ବିତିଯାଏ। କେତେକ ସ୍ଥଳରେ ମାମଲାର ରାୟ ପ୍ରକାଶ ହେବା ପରେ ତାହାକୁ ଚ୍ୟାଲେଞ୍ଜ କରି ପୁନଃ ବିଚାର ଆବେଦନ କରାଯାଉଥିବା ଦେଖାଯାଏ। ଏହି ଜଟିଳ ପ୍ରକ୍ରିୟାରେ ଅନେକ ସମୟ ଚାଲିଯାଇଥାଏ। ଅନେକ ଧନଜୀବନ ମଧ୍ୟ କ୍ଷତି ଘଟିଥାଏ। ପରିବେଶର ପ୍ରଭୂତ କ୍ଷତି ସାଧନ ହୁଏ। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ବିଭିନ୍ନ ସମୟରେ ଦେଶର ନ୍ୟାୟାଧୀଶମାନେ ଦେଇଥିବା ପରାମର୍ଶ ଆଧାରରେ କେନ୍ଦ୍ର ସରକାର ସଂସଦର ଅନୁମୋଦନକ୍ରମେ ନୂତନ ଜାତୀୟ ସବୁଜ ଅଦାଲତ ସ୍ଥାପନ କରିଛନ୍ତି। ଏହା ୧୮.୧୦.୨୦୧୨ରୁ କାର୍ଯ୍ୟକାରୀ ହୋଇଆସୁଛି। ଏହି ଅଦାଲତ ଭାରତର ଜଙ୍ଗଲ ସମ୍ପଦ, ଅନ୍ୟାନ୍ୟ ପ୍ରାକୃତିକ ସମ୍ପଦର ସୁରକ୍ଷା, ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ପରିବେଶ ସୁରକ୍ଷା ପାଇଁ ଆଇନଗତ ଅଧିକାର ପ୍ରଦାନ କରିବା ସହ ପ୍ରଦୂଷଣ ନିୟନ୍ତ୍ରଣ, ପ୍ରଦୂଷଣଜନିତ କ୍ଷୟକ୍ଷତିର ଭରଣା, ପରିବେଶ ସମସ୍ୟାର ତ୍ୱରିତ ଫଇସଲା ଆଦି କରିଥାଏ। ଏହି ଅଦାଲତମାନଙ୍କର ଦଣ୍ଡ ବ୍ୟବସ୍ଥା ବହୁତ କଠୋର। ରାଜଧାନୀ ନୂଆଦିଲ୍ଲୀ ଠାରେ ସବୁଜ ଅଦାଲତର ମୁଖ୍ୟ କାର୍ଯ୍ୟାଳୟ ଥିବାବେଳେ ଭୋପାଳ, ପୁନ୍ନେ, ଚେନ୍ନାଇ ଓ କୋଲକାତାରେ ଆଞ୍ଚଳିକ ଶାଖା କାର୍ଯ୍ୟାଳୟମାନ ରହିଛି। ଓଡ଼ିଶାର ଏ ସମ୍ପର୍କିତ ମାମଲା କୋଲକାତା ସବୁଜ ଅଦାଲତ ଅଧୀନରେ ଆସୁଛି। କାର୍ଯ୍ୟରତ କିମ୍ବା ଅବସରପ୍ରାପ୍ତ ସର୍ବୋଚ୍ଚ କିମ୍ବା ଉଚ୍ଚନ୍ୟାୟାଳୟର ନ୍ୟାୟାଧୀଶମାନେ ଏମାନଙ୍କର ସଭାପତି ଓ ନ୍ୟାୟାଧୀଶ ପଦରେ ନିଯୁକ୍ତ ପାଆନ୍ତି। ସେହିପରି ସ୍ୱନାମଧନ୍ୟ ଓକିଲ ଓ ଉଚ୍ଚ ସରକାରୀ ଅଧିକାରୀମାନେ ଏହାର ସଦସ୍ୟ ରୂପେ କାର୍ଯ୍ୟ କରନ୍ତି। ଏହି ଅଦାଲତରେ ଯେ କୌଣସି ଅନୁଷ୍ଠାନ, ବ୍ୟକ୍ତିବିଶେଷ, ପ୍ରଦୂଷଣ ସୃଷ୍ଟିକାରୀ ଅନୁଷ୍ଠାନ , ସରକାର, ସରକାରୀ କର୍ମଚାରୀ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଆଦିଙ୍କ ବିରୁଦ୍ଧରେ ନୋଟିସ ଦେଇ ନିର୍ଦ୍ଧିଷ୍ଟ ସମୟରେ ସବୁଜ ଅଦାଲତରେ ବିନା ଓକିଲ ଖର୍ଚ୍ଚରେ ମାମଲା ଦାୟର କରାଯାଇପାରିବ।

ଜାତୀୟ ସବୁଜ ଅଦାଲତର କେତୋଟି ଉଲ୍ଲେଖନୀୟ ଆଦେଶ ବିଷୟରେ ବର୍ତ୍ତମାନ ସଂକ୍ଷିପ୍ତ ଆଲୋଚନା କରିବା। ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ଼ ତହସିଲରେ ଥିବା ଏକ ପଥର ଖଣି ମାଲିକ ଅନୁମତି ଠାରୁ ଅଧିକ ଉତ୍ତୋଳନ, ବେଆଇନ ବ୍ଲାଷ୍ଟିଙ୍ଗ, ବେଆଇନ ଗଛକଟା, ଅତ୍ୟଧିକ ଧୂଳି ବାୟୁ ପ୍ରଦୂଷଣ ସୃଷ୍ଟି କରିବା ଅଭିଯୋଗର ସବୁଜ ଅଦାଲତ ବିଚାର କରି ପାଞ୍ଚ କୋଟି ଟଙ୍କାର ଜୋରିମାନା ଆଦେଶ ପ୍ରଦାନ କରିଛନ୍ତି। ସମ୍ବଲପୁର ଜିଲ୍ଲାର ଏକ ଓପନ କାଷ୍ଟ କୋଇଲା ଖଣିରେ ଧାର୍ଯ୍ୟ ପରିମାଣ ଠାରୁ ଅଧିକ ଉତ୍ତୋଳନ, ଖଣି କାମ ଶେଷ ହେବାପରେ ଖୋଲା ଜାଗାକୁ ନପୋତିବା, ବୃକ୍ଷରାଜିର ନଷ୍ଟ, ଖଣି ଚାରିପଟେ ସବୁଜ ବଳୟ ସୃଷ୍ଟି ନକରିବା, ଭୟଙ୍କର ବାୟୁ ପ୍ରଦୂଷଣ ସୃଷ୍ଟି ଆଦି ଅଭିଯୋଗ ଆଧାରରେ ସବୁଜ ଅଦାଲତ ୧୦ କୋଟି ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି। ପୁନଶ୍ଚ ଜନୈକ ତହସିଲଦାରଙ୍କ ବେଆଇନ ଭାବେ ନଦୀରୁ ବାଲୁକା ଉତ୍ତୋଳନ ଅଭିଯୋଗ ବିରୋଧରେ ତୁରନ୍ତ ନିକଟସ୍ଥ ଥାନାରେ ମାମଲା ଦାଏର କରିବାକୁ ସବୁଜ ଅଦାଲତ ସମ୍ପୃକ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସୁବର୍ଣ୍ଣରେଖା ନଦୀରେ ବେଆଇନ ବାଲୁକା ଖନନ ବିଷୟରେ ଠିକାଦାରଙ୍କୁ ସୁହାଇଲା ପରି ଅନୁସନ୍ଧାନ ରିପୋର୍ଟ ଦିଆଯାଇଥିବା ଅଭିଯୋଗ ଆସିବା ପରେ ପୁନର୍ବାର ଉପଗ୍ରହ ସୂଚନାରେ ଏକ ବିଜ୍ଞାନଭିତ୍ତିକ ମିଳିତ ଅନୁସନ୍ଧାନ ରିପୋର୍ଟ ଜିଲ୍ଲା ଖଣି ଅଧିକାରୀ, ରାଜ୍ୟ ପ୍ରଦୂଷଣ ବୋର୍ଡ଼ ଓ ଅନ୍ୟ ସରକାରୀ ଅଧିକାରୀଙ୍କୁ ନେଇ ତୁରନ୍ତ ପ୍ରଦାନ କରିବାକୁ ସବୁଜ ଅଦାଲତ ଆଦେଶ ଦେଇଛନ୍ତି।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,**
E-mail : judhister009moharana@gmail.com







ସ୍ୱାସ୍ଥ୍ୟ ସ୍ତମ୍ଭ

# ଖାଦ୍ୟ ହିଁ ପ୍ରାଣ ପୁଣି ପ୍ରାଣଘାତକ

ଡାକ୍ତର ପ୍ରଫୁଲ୍ଲ କୁମାର ଦାସ



**ଖାଦ୍ୟ। ଶରୀର ପୋଷଣ ନିମନ୍ତେ ଅତି ଜରୁରୀ। ଖାଦ୍ୟ ଦ୍ୱାରା ଶରୀରରେ ଥିବା ଜୀବକୋଷ ପରିପାକ ହୋଇ ଶକ୍ତି ଉତ୍ପନ୍ନ କରେ। ଫଳରେ ଶରୀରର ଅଭିବୃଦ୍ଧି ଓ ବିକାଶ ହୋଇଥାଏ। ଏଣୁ ଖାଦ୍ୟକୁ ପ୍ରାଣ ବୋଲି କୁହାଯାଏ। ଯଦି ଏହି ପ୍ରାଣଦାୟୀ ଖାଦ୍ୟ ସଂକ୍ରମିତ ହୋଇଥାଏ ତେବେ? ଖାଦ୍ୟ ମାଧ୍ୟମରେ କ୍ଷତିକାରକ ତତ୍ତ୍ୱସମୂହ ଶରୀର ମଧ୍ୟକୁ ପ୍ରବେଶ କରି ନକାରାତ୍ମକ କ୍ରିୟା କରିବ। ଫଳରେ ଖାଦ୍ୟ ଆଉ ପ୍ରାଣଦାୟୀ ହୋଇ ରହିପାରିବ ନାହିଁ? ବରଂ ପ୍ରାଣଘାତକ ସାବ୍ୟସ୍ତ ହେବ।**

ମିଳିତ ଜାତିସଂଘର ରିପୋର୍ଟ ଅନୁସାରେ ପ୍ରତିବର୍ଷ ବିଶ୍ୱର ପ୍ରତି ୧୦ ଜଣରେ ଜଣେ ଖାଦ୍ୟ ସଂକ୍ରମଣଜନିତ ରୋଗରେ ପୀଡ଼ିତ। ଏଥିସହ ବିଶ୍ୱର ପ୍ରାୟ ୨୦୦ରୁ ଅଧିକ ରୋଗ ଖାଦ୍ୟ ସଂକ୍ରମଣ ଯୋଗୁଁ ହିଁ ହୋଇଥାଏ। ବିଶେଷଜ୍ଞଙ୍କ ମତାନୁସାରେ ଓଡ଼ିଶାରେ ସାଧାରଣତଃ ଖାଦ୍ୟ ଓ ପାନୀୟ ସଂକ୍ରମଣ ଯୋଗୁଁ ଟାଇଫଏଡ ଜ୍ୱର, ଜିଆଡ଼ିଆ, ହଇଜା, ଡିସେଣ୍ଟ୍ରି, ହେପାଟାଇଟିସ-ଏ, ସଲମୋନେଲା, ଇ.କୋଲାଇ ଆଦି ବହୁ ପ୍ରକାର ରୋଗ ଦେଖାଯାଇଥାଏ।

ତିନିକାରଣରୁ ଖାଦ୍ୟ ହୁଏ ସଂକ୍ରମିତ। ସାଧାରଣତଃ ତିନି ଭାଗରେ ବିଭକ୍ତ କରାଯାଇଛି। ସେଗୁଡ଼ିକ ହେଉଛି ଜୈବିକ, ରାସାୟନିକ ଓ ବାହ୍ୟ ଉପାଦାନ ଖାଧ୍ୟରେ ମିଶିବା ଫଳରେ ହେଉଥିବା ସଂକ୍ରମଣ। ଅଧିକାଂଶ ଖାଦ୍ୟ ସଂକ୍ରମଣଜନିତ ରୋଗ ବିଶେଷକରି ଜୈବିକ କାରଣରୁ ହିଁ ହୋଇଥାଏ। ଯେମିତିକି ଖାଦ୍ୟରେ ରୋଗ ସୃଷ୍ଟିକାରୀ ବୀଜାଣୁ, ଭୂତାଣୁ, ବ୍ୟାକ୍ଟେରିଆ, ପ୍ରୋଟୋଜୋଆ, ପାରାସାଇଟ୍ ଓ ଫଙ୍ଗସ ଆଦି ରହିବା ଦ୍ୱାରା ବିଭିନ୍ନ ରୋଗର ସଂକ୍ରମଣ ହୋଇଥାଏ। ଖାଦ୍ୟ ସଂକ୍ରମଣଜନିତ ରୋଗ ସୃଷ୍ଟି କରୁଥିବା ଏକ ସାଧାରଣ ଭୂତାଣୁ ହେଉଛି ନୋରାଭାଇରସ୍। ଏହାର ସଂକ୍ରମଣ ଯୋଗୁଁ ପେଟ କାଟିବା, ହଜମରେ ସମସ୍ୟା ଆଦି ସମସ୍ୟା ଦେଖାଯାଇଥାଏ। ଏହି ରୋଗକୁ ଆମେ ଷ୍ଟୋନମ୍ୟାନ ଫ୍ଲୁ କହିଥାଉ। ସଲମୋନେଲା ବ୍ୟାକ୍ଟେରିଆ ମଧ୍ୟ ଖାଦ୍ୟ ସଂକ୍ରମଣଜନିତ ରୋଗ ସୃଷ୍ଟି କରିଥାଏ। ବାନ୍ତି, ପେଟ କାମୁଡ଼ିବା, ଝାଡ଼ା, ଜ୍ୱର ଆଦି ବିଭିନ୍ନ ସମସ୍ୟା ଏହା ଯୋଗୁଁ ଦେଖାଯାଇଥାଏ।

ରାସାୟନିକ ଉପାୟରେ ଖାଦ୍ୟ ସଂକ୍ରମଣ ଅସାଧାନତା କାରଣରୁ ହୋଇଥାଏ। କୀଟନାଶକ ବା କ୍ଲିନର ଆଦି ଫସଲରେ ପ୍ରୟୋଗ କରିବା ସମୟରେ ଏଥିରେ ଥିବା ରସାୟନ ଦ୍ରବ୍ୟ ମଣିଷ ଶରୀରକୁ ଆସିଥାଏ। ଏଥିସହ ଖାଦ୍ୟକୁ ଅଧିକ ଧଳା ଦେଖାଇବା ପାଇଁ ବ୍ଲିଚିଂ କରାଯାଉଥିବା ବେଳେ ଏହା ମଧ୍ୟ ଖାଦ୍ୟ ସଂକ୍ରମଣର କାରଣ ହୁଏ। ଫଳରେ ପେଟ ଜଳିବା, ସ୍ନାୟୁ ସମ୍ବେଦନଶୀଳ ହୋଇଯିବା, ବାରମ୍ବାର ଚେତା ହରାଇବା ସହ କିଛି ଦୀର୍ଘସ୍ଥାୟୀ ସମସ୍ୟା ମଧ୍ୟ ଦେଖାଯାଇଥାଏ। ସେହିଭଳି ଖାଦ୍ୟରେ କାଠଗୁଣ୍ଡ, କାଚ, ଧାତୁ, ପଥର ବା ହାଡ଼ଖଣ୍ଡ ଆଦି ମିଶି ଶରୀର ମଧ୍ୟକୁ ଗଲେ, ତାହା ମଧ୍ୟ ସଂକ୍ରମଣ ସୃଷ୍ଟିକରେ।

**ହଇଜା, ହେପାଟାଇଟିସ-ଏ ଓ ଇ ତଥା ଆର୍ଥରାଇଟିସ ଓଡ଼ିଶାରେ ଅଧିକ :** ଜଳ ଦ୍ୱାରା ସଂକ୍ରମିତ ଡାଇରିଆ ଅପେକ୍ଷା ହେପାଟାଇଟିସ୍-ଏ ଓ ଇ ଅଧିକ ମାରାତ୍ମକ। ଏହା ଜଣ୍ଡିସ କରାଇବା ସହ ରୋଗୀର ମୃତ୍ୟୁର କାରଣ ବି ହୋଇଥାଏ। ଓଡ଼ିଶାରେ ଦେଖାଯାଉଥିବା ଆଉ ଏକ ସାଧାରଣ ଜଳବାହୀ ରୋଗ ହେଉଛି ଏଚ୍ ପାଇଲୋରି ଗ୍ୟାଷ୍ଟ୍ରିଟିସ୍। ବିଶ୍ୱ ଜନସଂଖ୍ୟାର ୫୦% ଏହି ରୋଗରେ ପୀଡ଼ିତ। ହଇଜା, ଟାଇଫଏଡ୍, ଡିସେଣ୍ଟ୍ରି ଆଦି ଜଳ ସଂକ୍ରମଣରୁ ଓଡ଼ିଶାରେ ଦେଖାଯାଉଥିବା ସାଧାରଣ ରୋଗ। ସପ୍ତାହକୁ ଆସୁଥିବା ୪୦ ଜଣରେ ଜଣେ ରୋଗୀ 'ହେପାଟାଇଟିସ୍-ଏ'ରେ ଆକ୍ରାନ୍ତ ହୋଇଥିବା ଦେଖାଯାଉଛି। ଏହି ୩ଟି ରୋଗ ଛଡ଼ା ଖାଦ୍ୟ ସଂକ୍ରମଣ ଯୋଗୁଁ ପେଟ, ଯକୃତ, ସ୍ନାୟୁ, ମାଂସପେଶୀ ଆଦି ସମ୍ବନ୍ଧିତ ବହୁ ରୋଗ ହୋଇଥାଏ। ଓଡ଼ିଶାରେ ବିଶେଷ କରି ଖରା ଓ ବର୍ଷା ଦିନେ ଖାଦ୍ୟ ଓ ଜଳ ସଂକ୍ରମଣଜନିତ ରୋଗ ଅଧିକ ଦେଖାଯାଇଥାଏ।



**ବାସି ଓ ଶସ୍ତା ଖାଦ୍ୟ ଖାଆନ୍ତୁ ନାହିଁ :** ଖାଦ୍ୟ ସଂକ୍ରମଣ ଦୁଇଟି ଉପାୟରେ ହୁଏ। ଗୋଟିଏ ହେଉଛି ଦୁର୍ଘଟଣାବଶତଃ ହେଉଥିବା ଖାଦ୍ୟ ସଂକ୍ରମଣ ଓ ଅନ୍ୟଟି ଜାଣିଶୁଣି ହେଉଥିବା ଖାଦ୍ୟ ସଂକ୍ରମଣ। ଘରେ ଖାଦ୍ୟ ଥୁଆ ହୋଇଥିବା ସମୟରେ ମୂଷା ଚାଲିଯିବା, କିଛି ପଡ଼ିଯିବା ବା ଖାଦ୍ୟ ଖରାପ ହୋଇଯିବା ପରେ ଖାଇବା ଦ୍ୱାରା ପେଟ ଖରାପ ହୋଇଥାଏ। ସେହିଭଳି ଖାଦ୍ୟରେ ବ୍ୟବହାର ହେଉଥିବା ରସାୟନ ଯୋଗୁଁ ବି ଦେହ ଖରାପ ହୋଇଥାଏ। ଏସବୁକୁ ତ ସତର୍କ ହୋଇ ମୁକାବିଲା କରାଯାଇପାରେ। କିନ୍ତୁ ଜାଣିଶୁଣି କରାଯାଉଥିବା ଖାଦ୍ୟ ସଂକ୍ରମଣକୁ ନିୟନ୍ତ୍ରିତ କରିବା ଆମ ଦାୟିତ୍ୱ। କ୍ଷୀର, ତେଲ, ମସଲା ଗୁଣ୍ଡ, ହଳଦୀ, ଲଙ୍କା, ଗୋଲମରିଚ ଗୁଣ୍ଡ ଆଦିରେ ବିଭିନ୍ନ ପ୍ରକାର ଅପମିଶ୍ରଣ କରାଯାଇ ବଜାରକୁ ଛଡ଼ାଯାଉଛି। ଫଳକୁ ଚିକ୍‌ଚିକ ଦେଖାଇବା ପାଇଁ ରସାୟନ ସିଞ୍ଚନ କରାଯାଉଛି। ଯେଉଁଥିରେ ସୀସା ଓ ଆର୍ସେନେଡ ରହିଛି। ଏହା ସ୍ନାୟୁ, ମସ୍ତିଷ୍କ ଓ ଶରୀରର ସ୍କେଲେଟାଲ ସିଷ୍ଟମ ପାଇଁ ଖରାପ ହୋଇଥାଏ। ମୁଣ୍ଡ ଝାଇଁ ଝାଇଁ ଲାଗିବା, ପକ୍ଷାଘାତ ରୋଗ, ମାଂସପେଶୀରେ ଯନ୍ତ୍ରଣା ଆଦି ସମସ୍ୟା ଦେଖାଯାଇଥାଏ। କିଛି କିଛି ଅଞ୍ଚଳର ପାଣିରେ ଫ୍ଲୋରାଇଡ଼ ପରିମାଣ ଅଧିକ ଥାଏ। ଏହାର ସ୍ତରକୁ ନିୟମିତ ପରୀକ୍ଷା କରିବା ଉଚିତ। ବାସି ଖାଦ୍ୟରୁ ଦୂରେଇ ରହି, ଯେତିକି ଆବଶ୍ୟକ ସେତିକି ରୋଷେଇ କରି ଖାଆନ୍ତୁ। ଖାଦ୍ୟ ଅଧିକ ସମୟ ରହିଲେ ଏଥିରେ କାମ୍ପାଇଲୋବ୍ୟାକ୍ଟେର, ସାଲମୋନେଲା ଓ ସିଗେଲା ଆଦି ଜୀବାଣୁ ବଢ଼ି ମଣିଷ ଶରୀରରେ ଫୁଡ୍ ପଏଜନିଂ କରାଇଥାଏ। ଏହି ଜୀବାଣୁମାନେ ଫୁଡ୍ ପଏଜନିଂ କରି ଦୀର୍ଘକାଳରେ ବାତ ରୋଗ ରିଆକ୍ଟିଭ ଆର୍ଥରାଇଟିସ କରାଇଥାଏ।

**କନସ୍‌ଲଣ୍ଟାଟ ରେଡ଼ିଓଲୋଜିଷ୍ଟ, ଏମ୍‌ଆରଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
E-mail : drprafulldas007@gmail.com







ମହକ

### କଳା, ସାହିତ୍ୟ, ସଂଗୀତ, ଅଭିନୟ ଓ ସମାଜ ସେବାର ଅପୂର୍ବ ସମାରୋହ :

# ଯୁବ ସାମ୍ବାଦିକ ସୂର୍ଯ୍ୟନାରାୟଣ ଦାଶ



ମଣିଷ ଏକ ସାମାଜିକ ପ୍ରାଣୀ । ନିଜର ମହତ୍ ଗୁଣ, ଅନନ୍ୟ ସୁସାଧନା ପାଇଁ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରେ ମଣିଷ। ସମୟ କ୍ରମେ ସେ ପାଲଟି ଯାଆନ୍ତି ସମସ୍ତଙ୍କ ପାଇଁ ଉଦାହରଣୀୟ ବ୍ୟକ୍ତିତ୍ୱ। ସେବା, ଶୋଭନୀୟ ଭାବଧାରା, ସଂଗୀତ, କଳା,ସଂସ୍କୃତି ଏବଂ ସାହିତ୍ୟ ସୃଷ୍ଟି ଏକ ଐଶ୍ୱରୀୟ ପ୍ରଦତ୍ତ ଗୁଣ। ସେହିଭଳି ଆମ ସମୟର ଜଣେ ଯୁବ ସାମ୍ବାଦିକ, କଣ୍ଠଶିଳ୍ପୀ, ଗୀତିକାର, ସଂଗୀତକାର, ଅଭିନେତା, ଲେଖକ, ସଂଗ୍ରାହକ, ସମାଜ ସଂସ୍କାରକ, ପରିବେଶବିତ୍, ପଶୁପକ୍ଷୀ ପ୍ରେମୀ ତଥା ସମାଜସେବୀ ସୂର୍ଯ୍ୟନାରାୟଣ ଦାଶ ଅନ୍ୟତମ। ଯାହାଙ୍କ ନାମ ସଙ୍ଗୀତ ଜଗତରେ ରବିନସନ୍ ଭାବେ ପରିଚିତ। ପିତା ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତ ମଧୁସୂଦନ ଦାଶ, ମାତା ଆଦର୍ଶ ନାରୀ ପ୍ରତିଭା ସେବତୀ ଦାଶଙ୍କ ଅମୀୟ ଅଙ୍କ ମଣ୍ଡନ କରି ଜଗତସିଂହପୁର ଜିଲ୍ଲା ବିରିଡ଼ି ବ୍ଲକ୍ ଗଡମା ପୋଷ୍ଟ ଅରଣା ପଞ୍ଚାୟତ ଉପକଣ୍ଠ କୋଶଳ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ନିଜ ଜନ୍ମମାଟି କୋଶଳ ଓ କଟକ ସିଡିଏ ଉଭୟ ଜାଗାରେ ସେ ଅବସ୍ଥାନ କରିଥାନ୍ତି । ବାଲ୍ୟଶିକ୍ଷା ନିଜ ଗାଁ କୋଶଳ ୟୁ.ପି. ସ୍କୁଲରୁ ଆରମ୍ଭ କରି, ଚନ୍ଦ୍ରମଣି ଏମ.ଇ. ସ୍କୁଲରୁ ଷଷ୍ଠ ଓ ସପ୍ତମ ଏବଂ ପୂର୍ଣ୍ଣଚନ୍ଦ୍ର ବିଦ୍ୟା ମନ୍ଦିର ରଘୁନାଥପୁର ମାଟ୍ରିକ ପାସ୍ କରି ପରେ କିଶୋରନଗର ମହାବିଦ୍ୟାଳୟରୁ ଯୁକ୍ତ ଦୁଇ ଓ ତିନି କଳା, ମଧୁସୂଦନ ଲ' କଲେଜ୍ କଟକରୁ ସଫଳତାର ସହ ଆଇନରେ ଡିଗ୍ରୀ ପାଠ୍ୟକ୍ରମ ଶେଷ ପରେ ଓଏସଓୟୁ ସମ୍ବଲପୁର ବିଶ୍ୱ ବିଦ୍ୟାଳୟରୁ ସାମ୍ବାଦିକତା ଶିକ୍ଷା ସମାପ୍ତ କରିଛନ୍ତି। ବହୁମୁଖି ପ୍ରତିଭାଦୀପ୍ତ ରମଣୀୟ ଯୁବ ସାମ୍ବାଦିକ ଓ ଓକିଲ ଭାବେ ସମାଜର ନିଷ୍ପେସିତ, ଅବହେଳିତ ଲୋକ ତଥା ସମାଜର ସେବା କରିଚାଲିଛନ୍ତି । ସେ କଟକ ସଦର ଅନ୍ତର୍ଗତ କିଶନନଗର ଅଞ୍ଚଳରେ ଦୀର୍ଘ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ହେବ ଜଣେ ନିତିନିଷ୍ଠ ସାମ୍ବାଦିକ ଭାବେ କାର୍ଯ୍ୟରତ। ତାଙ୍କ ବଳିଷ୍ଠ ଲେଖନୀ, ଓଜସ୍ୱିନି ଭାଷଣ ଆଉ ଖବର ପରିବେଷଣ ଶୈଳୀ ଆଦିରେ ଦେଖିବାକୁ ମିଳେ ବିପ୍ଳବର ଅଗ୍ନିସ୍ଫୁଲିଙ୍ଗ ଯାହାକି ସାଧାରଣ ଜନତାଙ୍କ ସ୍ୱର, ସମାଜର ପରିବର୍ତ୍ତନ, ବିକାଶର ବାସ୍ତବ ଚିତ୍ର ବହନ କରେ। ତୁଳସୀ ଦୁଇ ପତ୍ରରୁ ବାସିବା ଭଳି ଶୈଶବରୁ ତାଙ୍କର ସଙ୍ଗୀତ ପ୍ରତି ରହିଥିଲା ଅହେତୁକ ଆକର୍ଷଣ । ସଂଗୀତ ଅନୁରାଗୀ ଏହି ଯୁବ ପ୍ରତିଭା ବା ଯୁବ ସଂଗୀତକାର ପ୍ରଥମେ ରଘୁନାଥପୁର ସଙ୍ଗୀତ ଶିକ୍ଷା ଗୁରୁ ଶ୍ରୀଯୁକ୍ତ ରଞ୍ଜନ ନାଥଙ୍କ ଠାରୁ ଗ୍ରହଣ କରି ପରେ କଟକରେ ସଙ୍ଗୀତ ଗୁରୁ ଆଦିତ୍ୟ ନାରାୟଣ ବିଶ୍ୱାଳଙ୍କ ଠାରୁ ସଂଗୀତ ଶିକ୍ଷା ଲାଭ କରି ଅଧୁନା ଜଣେ ସୁନାମଧନ୍ୟ ପ୍ରତିଷ୍ଠିତ ଗୀତିକାର, ସଂଗୀତକାର ବା କଣ୍ଠଶିଳ୍ପୀ ଭାବେ ନିଜର ପ୍ରତିଷ୍ଠା ଅର୍ଜନ କରିଛନ୍ତି। ପିତା, ମାତାଙ୍କ ସେବା, ପରୋପକାର, ସ୍ନେହ, ଦୟା ତାଙ୍କ ଜୀବନର ଏକ ମହତ୍ ଗୁଣ ଯାହାକି ଯୁବ ସମାଜ ପାଇଁ ପ୍ରେରଣାର ଉତ୍ସ। ବିଭିନ୍ନ ସାମାଜିକ ସେବା ଅନୁଷ୍ଠାନ ମାଧ୍ୟମରେ ମାନବ ସମାଜ ଓ ପ୍ରାଣୀ ସମ୍ପଦର ସେବାରେ ଶ୍ରଦ୍ଧାଭାବ ରଖି ସେ ସମୟ ଦିଅନ୍ତି । ଜଣେ ଶାକାହାରୀ ମଣିଷ ଭାବେ ନିରାମିଷ ଖାଦ୍ୟ ଭକ୍ଷଣ ଉପରେ ଖୁବ୍ ଗୁରୁତ୍ୱ ଦିଅନ୍ତି। କଲେଜ ସମୟରୁ ନିଶା ମୁକ୍ତି ଆନ୍ଦୋଳନରେ ଅହିଂସା ସେବା ସଂଘ ଓଡ଼ିଶା ସହ ସକ୍ରିୟ ଅଂଶ ଗ୍ରହଣ ପୂର୍ବକ ସ୍ଥାନୀୟ ଅଞ୍ଚଳରେ ଘରେ ଘରେ ବୁଲି ନିଶାର ଅପକାରିତା ବା ଭୟାବହତା ଆଉ କୁପ୍ରଭାବ ଉପରେ କହିବା ସହ ଲିଫ୍‌ଲେଟ୍ ବା ପ୍ରଚାର ପତ୍ର ଆଦି ବାଣ୍ଟି ଜନ ଜାଗରଣ ସୃଷ୍ଟି କରିଛନ୍ତି ଯାହାକି ଆମ ସମୟର ଏକ ଯୁଗାନ୍ତକାରୀ ବଳିଷ୍ଠ ପଦକ୍ଷେପ । ରାଜ୍ୟ ତଥା କଟକ ସଦରର ବିଭିନ୍ନ ସଙ୍ଗଠନରେ ଜଣେ ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରି ସାମ୍ବାଦିକ ତଥା ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଥିବା ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରିବା, ସାହିତ୍ୟ, ସାମ୍ବାଦିକତା ଉପରେ ଆଲୋଚନା ଚକ୍ର ଆଦି ଗଠନମୂଳକ ପଦକ୍ଷେପ ନେଇ ଖୁବ୍ ସଫଳତା ଅର୍ଜନ କରିଛନ୍ତି। ତାଙ୍କ ସଂଗଠନିକ ଦକ୍ଷତା, କଳା,ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା ଆଦି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ନେଇ ବିଭିନ୍ନ ସଙ୍ଗଠନ ପକ୍ଷରୁ ଜିଲ୍ଲା ତଥା ରାଜ୍ୟସ୍ତରୀୟ ପୁରସ୍କାର ଓ ସମ୍ବର୍ଦ୍ଧନା ଲାଭ କରିଛନ୍ତି। ତତ୍‌କାଳୀନ ରାଜ୍ୟ ସରକାରଙ୍କ ପକ୍ଷରୁ କୋଭିଡ୍ ଯୋଦ୍ଧାରେ ସେ ଘୋଷିତ ହୋଇଛନ୍ତି। ପୋଲିସ ଓ ସାମ୍ବାଦିକଙ୍କ ସେବା, ତ୍ୟାଗ, ବଳିଦାନ ଉପରେ ସଙ୍ଗୀତ ଜଗତ ଇତିହାସରେ ପ୍ରଥମ କରି ଆଲବମ୍ ଗୀତ ରଚନା କରି ତଥା ସ୍ୱର ସଂଯୋଜନା ଓ ନିଜ କଣ୍ଠରେ ସଙ୍ଗୀତ ପରିବେଷଣ କରି ଆଜି ସାରା ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି।



'ସାମ୍ବାଦିକ ଆମେ ସାମ୍ବାଦିକ' ଓ 'ଆମ ପୋଲିସ ଭାଇ' ଭଳି ଦୁଇ ଗୀତ ସଙ୍ଗୀତ ଜଗତ ଇତିହାସରେ ପ୍ରଥମ ଏବଂ 'ଗୋ କରୋନା ଗୋ' ଗୀତ ସମାଜରେ ବହୁ ପ୍ରଭାବ ପକାଇଥିଲା ସଚେତନତା କ୍ଷେତ୍ରରେ ଯାହାକି ସୂର୍ଯ୍ୟନାରାୟଣଙ୍କ ସାରସ୍ୱତ ସାଧନାର ଅନନ୍ୟ ସୃଜଶୀଳତାର ପରିପ୍ରକାଶ। ସମାଜର ବିକାଶ, ଦେଶ ପାଇଁ ବଳିଦାନ ଦେଉଥିବା ଅନ୍ୟ ମହାନ୍ ସ୍ରଷ୍ଟାଙ୍କ ଉପରେ ଗୀତ କରିବାର ଆଗକୁ ଯୋଜନା ରହିଥିବା କଥା ମତବ୍ୟକ୍ତ କରିଛନ୍ତି। ତାଙ୍କର ଅନେକ ଉପାଦେୟ ଲେଖା ପ୍ରବନ୍ଧ, କବିତା ଆଦି ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ଖୁବ୍ ପାଠକୀୟ ସ୍ୱୀକୃତି ଲାଭ କରିଛି। ତା'ଛଡା ସେ ଭଜନ, ଆଧୁନିକ ଓ ନିର୍ବାଚନ ପ୍ରଚାର ସଂକ୍ରାନ୍ତୀୟ ଗୀତ ଗାଇ ପ୍ରସିଦ୍ଧି ଲାଭ କରିବା ସହ ତାଙ୍କ ଗୀତ ଗୁଡ଼ିକ୍ ଖୁବ ସୁପର୍‌ହିଟ୍ ହୋଇଛି। ଓଡିଆ ଆଲବମରେ ସୁନ୍ଦର ଅଭିନୟ କରି ଦର୍ଶକଙ୍କ ପ୍ରିୟଭାଜନ ହୋଇ ପାରିଛନ୍ତି । ଏହି ବହୁମୁଖି ପ୍ରତିଭାଧର, ପୂଜ୍ୟପୂଜା, ଓଡ଼ିଆ ଭାଷା, ସଂସ୍କୃତି ସୁରକ୍ଷା ଅଭିଯାନରେ ସଦା ନିମଗ୍ନ ସାରସ୍ୱତ ବିସ୍ମୟ ପ୍ରତିଭା, ଜନାଦୃତ କଣ୍ଠଶିଳ୍ପୀ, ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ପରମ୍ପରା ପ୍ରାଣ ସୂର୍ଯ୍ୟନାରାୟଣଙ୍କ ସ୍ୱପ୍ନ ସଫଳ ହେଉ ସେ ଓଡ଼ିଆ ଜାତିର ନାମକୁ ଆହୁରି ଆଗକୁ ନିଅନ୍ତୁ ଏତିକି ପ୍ରାର୍ଥନା।

# ଜରାରୋଗ ବିଭାଗର ସତେଜତା ଫେରୁ !

■ ବାଦଲ ଭୂୟାଁ

୨୦୧୧ ଜନଗଣନା ବେଳକୁ ଦେଶରେ ୧୪ କୋଟିରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଥିଲେ। ଏ ସଂଖ୍ୟା ଏବେ ଆହୁରି ବଢ଼ିଥିବ। ଆମ ରାଜ୍ୟରେ ୪୦ ଲକ୍ଷରୁ ଅଧିକ ବରିଷ୍ଠ ନାଗରିକ ଅଛନ୍ତି। ମୋଟ ଜନସଂଖ୍ୟାର ୧୦ ପ୍ରତିଶତ ଏ ସଂଖ୍ୟା। ଗ୍ରାମାଞ୍ଚଳରେ ଅଛନ୍ତି ୮୬ ପ୍ରତିଶତ। ଏମାନଙ୍କ ଭିତରୁ ୪୫ ପ୍ରତିଶତ ଦାରିଦ୍ର୍ୟର ସୀମାରେଖା ତଳେ ଅଛନ୍ତି। ୨୦୨୬ ମସିହା ବେଳକୁ ରାଜ୍ୟରେ ଜରାଗ୍ରସ୍ତ ଲୋକଙ୍କ ସଂଖ୍ୟା ୬୨.୬୯ ଲକ୍ଷରେ ପହଞ୍ଚିଥିବ ବୋଲି ଜଣାଯାଏ। ମୋଟ ଜନସଂଖ୍ୟାର ଏହା ୧୩ ପ୍ରତିଶତ ହେବ। ବାର୍ଦ୍ଧକ୍ୟରେ ପହଞ୍ଚିଲେ ବିଭିନ୍ନ ପ୍ରକାର ରୋଗ ଡକାହକା ହୋଇ ଚାଲିଆସନ୍ତି ଶରୀରକୁ। ଶାରୀରିକ ସମସ୍ୟା ମାନସିକ ସ୍ୱାସ୍ଥ୍ୟକୁ ମଧ୍ୟ ପ୍ରଭାବିତ କରେ। ଏବେ ଦେଖାଯାଉଛି ପ୍ରତିଟି ପରିବାରରେ ବୟସ୍କ ବାପା-ମା ପିଲାମାନଙ୍କ ପାଇଁ ସମସ୍ୟା ପାଲଟିଛନ୍ତି। ଯେଉଁ ପିଲାମାନେ ବାପା-ମା'ଙ୍କ ଠାରୁ ଦୂରେ ରହି ନିଜ ବୃତ୍ତିରେ ନିୟୋଜିତ ଅଛନ୍ତି ସେମାନେ ଖୁବ ମାନସିକ ଚାପ ଭିତରେ ରହୁଛନ୍ତି। ଉଚ୍ଚଶିକ୍ଷା ପରେ ମନଲାଖି ଚାକିରି ପାଇଁ ସେମାନଙ୍କୁ ଘର ଛାଡ଼ିବାକୁ ବାଧ ହେବାକୁ ପଡୁଛି। ଯେଉଁମାନେ ରାଜ୍ୟ ବାହାରେ ଏବଂ ଦେଶ ବାହାରେ ଅଛନ୍ତି ସେମାନଙ୍କ ପାଇଁ ବୃଦ୍ଧ ବାପା-ମା ସମସ୍ୟା ପାଲଟୁଛନ୍ତି। ଏ ସମୟରେ ସେମାନେ ଅସୁସ୍ଥ ହୋଇପଡ଼ିଲେ ସମସ୍ୟା ଅଣାୟତ୍ତ ହୋଇପଡୁଛି। ବାଧ୍ୟ ହୋଇ ଅନେକ ବାପା-ମାଙ୍କୁ ଜରା ନିବାସକୁ ଯିବାକୁ ପଡୁଛି। ଏଭଳି ଲୋକଙ୍କ ପାଖରେ ଅର୍ଥର ଅଭାବ ନଥାଇପାରେ, କିନ୍ତୁ ନିଜ ଲୋକଙ୍କ ଆହା ଏବଂ ସାହାରାରୁ ବଞ୍ଚିତ ହେଉଛନ୍ତି ଏମାନେ, ଏଇ କାରଣରୁ ବେଶି ଅସୁସ୍ଥ ହୋଇପଡୁଛନ୍ତି ଅସହାୟତାର ଭୟରେ।

ଦାରିଦ୍ର୍ୟ ଏବଂ ବାର୍ଦ୍ଧକ୍ୟ ଯେଉଁଠି ଏକାଠି ସେଠି ସମସ୍ୟା ଉତ୍କଟ ରୂପ ଧାରଣ କରୁଛି। ବାର୍ଦ୍ଧକ୍ୟଜନିତ ରୋଗର ଚିକିତ୍ସା ପାଇଁ ଆମ ରାଜ୍ୟରେ କୌଣସି ସୁବିଧା ନାହିଁ। ଏଥିପାଇଁ ବିଶେଷଜ୍ଞ ପରାମର୍ଶ ଏବଂ ଚିକିତ୍ସା ଦରକାର ହୋଇଥାଏ। ସବୁ ଡାକ୍ତର ବାର୍ଦ୍ଧକ୍ୟ ଜନିତ ରୋଗର ଚିକିତ୍ସା କରିପାରନ୍ତିନି ଠିକ ଭାବରେ। ଅନ୍ୟାନ୍ୟ ପାଶ୍ଚାତ୍ୟ ଦେଶରେ ବାର୍ଦ୍ଧକ୍ୟଜନିତ ରୋଗ ବିଭାଗ ରହିଛି ହସ୍ପିଟାଲମାନଙ୍କରେ। ଆମ ଦେଶରେ ଏଯାଏ ଏ ଚିକିତ୍ସା ସମସ୍ତ ପାଇଁ ଉପଲବ୍ଧ ହୋଇପାରନି। ପୂର୍ବ ଭାରତର ଏସସିବି ମେଡ଼ିକାଲ କଲେଜରେ ହିଁ କେବଳ ଜରାରୋଗ ବିଭାଗ ରହିଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଏ ବିଭାଗଟ ନିଜେ ଏବେ ଜରାଗ୍ରସ୍ତ ବୋଲି ଖବରରୁ ଜଣାଯାଇଛି।

ଆଗକୁ ବରିଷ୍ଠ ନାଗରିକଙ୍କ ସଂଖ୍ୟା ବଢ଼ିବ। ଏମାନେ ପିଲାଙ୍କ ଉପରେ କିଭଳି ବୋଝ ନହେବେ ଏବଂ ଏମାନଙ୍କ ଚିନ୍ତାରେ ପିଲାଏ ବ୍ୟସ୍ତ ନରହି କିଭଳି ସେମାନଙ୍କ କାମରେ ମନ ଦେଇପାରିବେ ସେ ଦିଗକୁ ଚିନ୍ତା କରି ପ୍ରତିଟି ସରକାରୀ ହସ୍ପିଟାଲରେ ଜରାରୋଗ ବିଭାଗ ଖୋଲାଯିବା ଉପରେ ଏବେଠୁ ଗୁରୁତ୍ୱ ଦେବା ଉଚିତ। ଆଗାମୀ ଦିନରେ ଜରାଗ୍ରସ୍ତ ବ୍ୟକ୍ତିମାନେ ସେମାନଙ୍କ ପିଲାଙ୍କ ପାଇଁ ଏବଂ ରାଜ୍ୟ ପାଇଁ ବୋଝ ନହୁଅନ୍ତୁ। ବାପା-ମା ସମସ୍ୟା ଏକଥା ପିଲାଏ ଅନୁଭବ ନକରନ୍ତୁ।

୪ଜି, ପ୍ରତାପ ଆପାର୍ଟମେଣ୍ଟ, ୭-ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ମୋ:୯୨୦୪୬୫୨୦୬୫

## ଏହି ସପ୍ତାହ, ସେହି ବର୍ଷ (ମାର୍ଚ୍ଚ ୯-୧୫)

### ଏଇ ସପ୍ତାହ

ମାର୍ଚ୍ଚ ୯, ୧୮୨୨-ଚାର୍ଲସ୍ ଏଗ୍ ଗ୍ରାହମ୍ ପ୍ରଥମ ଥର ନକଲି ଦାନ୍ତର ପେଟେଣ୍ଟ୍ କରାଇଥିଲେ।



ମାର୍ଚ୍ଚ ୧୦, ୧୮୦୧- ଗ୍ରେଟ୍ ବ୍ରିଟେନ୍‌ରେ ପ୍ରଥମ ଥର ଜନଗଣନା କରାଯାଇଥିଲା।



ମାର୍ଚ୍ଚ ୧୧, ୨୦୦୧-ପୁଲେଲା ଗୋପିଚାନ୍ଦ ବ୍ୟାଡ୍‌ମିଣ୍ଟନ ଖେଳରେ ବିଶ୍ୱ ଚାମ୍ପିଅନ୍ ହୋଇଥିଲେ।



ମାର୍ଚ୍ଚ ୧୨, ୧୯୫୪-ଭାରତ ସରକାର ସାହିତ୍ୟ ଏକାଡେମୀର ଉଦ୍‌ଘାଟନ କରିଥିଲେ।




ମାର୍ଚ୍ଚ ୧୩, ୧୯୮୦-ସଞ୍ଜୟ ଗାନ୍ଧୀଙ୍କ ପୁତ୍ର ବରୁଣ ଗାନ୍ଧୀ ଏହି ଦିନ ଜନ୍ମଗ୍ରହଣ କରିଥିଲେ।



ମାର୍ଚ୍ଚ ୧୪, ୧୯୫୫- ରାଜକୁମାର ମହେନ୍ଦ୍ର ନେପାଳର ରାଜା ହୋଇଥିଲେ।



ମାର୍ଚ୍ଚ ୧୫, ୨୦୦୮- ଇଟାଲୀର ପୋସିଲିୟୋ ଠାରେ ଗାନ୍ଧିଜୀଙ୍କ ପ୍ରତିମାର ସ୍ଥାପନା କରାଯାଇଥିଲା।



# ଗୋପାଳଙ୍କ ଦୋଳପର୍ବ

ପ୍ରମୋଦ ପାଣିଗ୍ରାହୀ



ହିନ୍ଦୁ ପରମ୍ପରାରେ ଜଳପୂର୍ଣ୍ଣ କୁମ୍ଭର ପବିତ୍ରତା ରହିଛି । ଏହାର ମୁଖରେ ରୁଦ୍ର, କଣ୍ଠରେ ବିଷ୍ଣୁ, ଅଧୋଭାଗରେ ବ୍ରହ୍ମା ନିବାସ କରିଥାନ୍ତି । ଫାଲଗୁନ ମାସକୁ କୁମ୍ଭ ମାସ କୁହାଯାଏ । ଦୋଳ ପୂର୍ଣ୍ଣିମାରେ କୁମ୍ଭ ପୂଜା କରିବା ଗୋପାଳ ସମ୍ପ୍ରଦାୟର ପରମ୍ପରା । ଯଦୁ ବଂଶରୁ ଜାତ ହୋଇଥିବାରୁ ଗୋପାଳଙ୍କ ଅନ୍ୟ ନାମ ଯାଦବ । ସେମାନେ ଦୋଳପର୍ବକୁ ସ୍ୱତନ୍ତ୍ର ଢଙ୍ଗ ଓ ନୀତିନିଷ୍ଠାର ସହ ପାଳନ କରିଥାନ୍ତି । ବାହାରେ ଥିବା ପରିବାରର ସଦସ୍ୟ ଏହି ଅନନ୍ୟ ପରମ୍ପରାରେ ସାମିଲ ହେବା ପାଇଁ ଘରକୁ ଆସନ୍ତି । ସମସ୍ତେ ନୂତନ ବସ୍ତ୍ର ପରିଧାନ କରନ୍ତି । ପିଠାପଣା ଫଳମୂଳର ମହକରେ ଘର ମହକି ଉଠେ । ଏହି ପର୍ବ ଫାଲଗୁନ ଶୁକ୍ଳ ତ୍ରୟୋଦଶୀ ତିଥିରୁ ଆରମ୍ଭ ହୁଏ । ଏହି ଦିନର ନୀତିନିୟମକୁ ବାଟଘଷା କୁହାଯାଏ । ଗୋପାଳମାନେ ସେହି ରାତିରେ ନିଜ ନିଜ ଘରୁ ଚୁଡା, ଖୀର, ଦହି, କଦଳୀ ନେଇ ଗୋଗୋଷ୍ଠକୁ ଯାଆନ୍ତି । ଏହି ସ୍ଥାନକୁ ଜଗ ମୋହନ ଘର କୁହାଯାଏ । ସେଠାରେ ଭୈରବୀଙ୍କୁ ସ୍ଥାପନା କରି ଭୋଗ ସମର୍ପଣ କରାଯାଏ । ଏହାପରେ ଗୋଠରେ ବନ୍ଦାଣ ଖୁଣ୍ଟ ପ୍ରତିଷ୍ଠା କରାଯାଏ । ଫାଲ୍‌ଗୁନ ଚତୁର୍ଦ୍ଦଶୀ ଦିନ ଗୋପାଳ ସଂପ୍ରଦାୟଙ୍କ ପକ୍ଷରୁ କୁମ୍ଭବୁଡା ପାଳନ କରାଯାଏ । କଳସୀର ଅନ୍ୟନାମ କୁମ୍ଭ । ଫାଲ୍‌ଗୁନ୍ ମାସକୁ କୁମ୍ଭ ମାସ କୁହାଯାଏ । ତେଣୁ କୁମ୍ଭ ପୂଜା କରିବା ଦ୍ୱାରା ଗୋପାଳମାନେ ଅଶେଷ ପୁଣ୍ୟ ଅର୍ଜନ କରିଥାନ୍ତି । ସେଦିନ ଅପରାହ୍ନରେ ନୂଆ ଭାରରେ କଳସୀକୁ ସଜାଇ ତା' ଉପରେ ନବବସ୍ତ୍ର ଢଙ୍କାଯାଏ । ତୁରୀ, ଭେରି, ଘଣ୍ଟଘଣ୍ଟା, ଝାଞ୍ଜ, ଖୋଳ, ତାଳ, ସଂକୀର୍ତ୍ତନରେ ଗୋପାଳମାନେ ନଦୀ ବା ପୁଷ୍କରିଣୀକୁ ଯାଇ ସ୍ନାନ କରନ୍ତି, ନୂତନ ବସ୍ତ୍ର ପରିଧାନ କରନ୍ତି ଓ କଳସୀ ଗୁଡିକୁ ପାଣି ଭରି ଘରକୁ ଆଣନ୍ତି । ଘରେ ତୁଳସୀଙ୍କ ନିକଟରେ କୁମ୍ଭକୁ ରଖି ବନ୍ଦାପନା କରନ୍ତି । ପୂର୍ଣ୍ଣିମା ଦିନ ଅନୁଷ୍ଠିତ ହୁଏ ଦୋଳଯାତ୍ରା । ଗୋପାଳମାନଙ୍କର ଘରଦ୍ୱାର ଗୋମୟରେ ଲିପାପୋଛା ହୋଇଥାଏ । ତୁଳସୀ ନିକଟରେ ବେଦୀ ନିର୍ମାଣ କରାଯାଇ ଝୋଟି, ମୁରୁଜରେ ସୁଶୋଭିତ କରାଯାଇଥାଏ । ଗୋପାଳମାନେ ପାହାନ୍ତା ପ୍ରହରରୁ କ୍ଷୀର ଦୋହନ ସାରି ସେ କ୍ଷୀର, ଘରେ ଥିବା ଦହି, ସର, ଲମ୍ଫା ଏଣ୍ଡୁରି, ଆରିସା ପିଠା ଓ କୁମ୍ଭ ଭାରକୁ ନେଇ ଜଗମୋହନ ବନ୍ଦାଣ ଖୁଣ୍ଟକୁ ଯାଆନ୍ତି । ରାଧା ଓ କୃଷ୍ଣ ଗୋପାଳ ମାନଙ୍କର କୂଳ ଦେବତା ଗୋପାଳଙ୍କ ଆରାଧ ଦେବତା ରାଧାକୃଷ୍ଣ ଯୁଗଳ ମୂର୍ତ୍ତିକୁ ପଳାସ ଫୁଲରେ ସୁଶୋଭିତ କରାଯାଇ ବିମାନରେ ଜଗମୋହନକୁ ନିଆଯାଏ । ସେଠାରେ କୁମ୍ଭ ଭାରକୁ ନୂଆଶାଢୀରେ ଢଙ୍କାଯାଏ । ଗୋପାଳ ସମାଜର ପ୍ରତ୍ୟେକ ପରିବାର ଗୋଟିଏ ଗୋଟିଏ କୁମ୍ଭଭାର ଏଠାକୁ ଆଣିଥାନ୍ତି । ଠାକୁରଙ୍କୁ ଭୋଗ ସମର୍ପଣ କରି ଦୋଳାରେ ଝୁଲାଯାଏ ।

ସୁସ୍ୱାଦୁ ପିଠା ସହ ବନ୍ଧୁବାନ୍ଧବଙ୍କ ଘରକୁ ଅବିର ପଠାଇବା ସେଦିନ ଗୋପାଳ ଘରର ଏକ ଚଳଣି । ସୁରକ୍ଷିତ ଜୀବନ ସହ ଭଗବାନ ଶ୍ରୀକୃଷ୍ଣଙ୍କ ଆଶିଷ ପାଇବା ପାଇଁ ଏହି ପୂଜା ବେଶ୍ ନିଷ୍ଠା ଓ ଶ୍ରଦ୍ଧାର ସହ ପାଳନ କରାଯାଏ । ଗୋପାଳମାନେ କୁମ୍ଭ ବୁଡାଇ ସେହି ପାଣିରେ ସେମାନଙ୍କ ଗୋବନ୍ଦନା କରିବା ସହ ଘର ବାଡିରେ ସିଞ୍ଚନ କରିଥାନ୍ତି ଓ ନିଜ ଘରେ ସେହି କଳସୀକୁ ରଖି ପୂଜା କରିଥାନ୍ତି । କଳସୀର ପାଣିକୁ ବାଡିବଗିଚାରେ ସିଞ୍ଚନ କଲେ ଭଲ ଫସଲ ହୋଇଥାଏ ବୋଲି ବିଶ୍ୱାସ ରହିଛି ।

ଦ୍ୱାପର ଯୁଗରେ ଗୋପପୁରରେ ଶ୍ରୀକୃଷ୍ଣ ଓ ବଳରାମ ଅନ୍ୟ ଗୋପାଳ ସାଥୀ ମାନଙ୍କ ସହ ଗାଈ ଚରାଇବା ବେଳେ ଦୁଇ ହାତରେ ଲଉଡି ଧରି ବୀରତା ପ୍ରଦର୍ଶନ ପୂର୍ବକ ଖେଳି ଖେଳି ମନୋରଂଜନ କରୁଥିଲେ । ଗୋଟିଏ ଦଳ ବାଡିଧରି ଆକ୍ରମଣ କରୁଥିବାବେଳେ ଅନ୍ୟଦଳ ବିଭିନ୍ନ କୈଶଳ ପ୍ରଦର୍ଶନ କରି ବାଡି ସାହାଯ୍ୟରେ ଆକ୍ରମଣକୁ ପ୍ରତିହତ କରୁଥିଲେ । ଗୋପାଳ ବା ଯାଦବ ପୁରୁଷମାନଙ୍କର ନିଜର ଶକ୍ତି, ପରାକ୍ରମ ତଥା ବାଡିର ଅନନ୍ୟ କଳାକୌଶଳ ପ୍ରଦର୍ଶନକୁ ବାଡିଖେଳ ବା ଲଉଡି ଖେଳ କୁହାଯାଏ । କେତକ ସ୍ଥାନରେ ଏହାକୁ ଦାଣ୍ଡି ଖେଳ ମଧ କୁହାଯାଏ । ଏହା ଧର୍ମ ଭିତ୍ତିକ, ରଣକୌଶଳ ପ୍ରଦର୍ଶନ କରାଯାଉଥିବା ଏକ ଲୋକନୃତ୍ୟ । ଦୋଳଯାତ୍ରା ସମୟରେ ଗୋପାଳମାନଙ୍କର ଲଉଡିଖେଳ ଓଡିଶାର ଏକ ପ୍ରସିଦ୍ଧ ଲୋକନୃତ୍ୟ । ଜଳକଳସୀ ଭାରକୁ ପରିକ୍ରମା କରିବା ସମୟରେ ଗୋପାଳ ମାନେ ଏକାପରି ରଙ୍ଗର ବେଶରେ ସଜ୍ଜିତ ହୋଇ ଅଣ୍ଟାରେ କାଛଟା, ଘାଗୁଡି, ବଂଶୀ ବାନ୍ଧନ୍ତି । ମଥାରେ ଠେକା ବାନ୍ଧି ଜାମୁଡାଳ ଖୋସନ୍ତି ଓ ଗଳାରେ ଫୁଲହାର ପିନ୍ଧନ୍ତି । ଦୁଇ ହାତରେ ଥାଏ ଦୁଇ ଲଉଡି । ଲଉଡି ଭେରୁ ବା କେନ୍ଦୁ କାଠରେ ପ୍ରସ୍ତୁତ ହୋଇଥାଏ । ଏହାର ମାପ ଥାଏ ଏକହାତ ଚାଖଣ୍ଡେ । ଏହି ବାଡି ଖେଳ ଏକ ଦଳଗତ ନୃତ୍ୟ ଯେଉଁଠି ଅନେକ ଗୋପାଳ



ଅଂଶଗ୍ରହଣ କରିଥାନ୍ତି । ଜଣେ ଜଣେ ଦଳପତିଙ୍କ ଅଧିନାୟକତ୍ୱରେ ଗୋପାଳମାନେ ଗୋଷ୍ଠୀଗତ ଭାବେ ବିଭକ୍ତ ହୋଇ ଲଉଡି ବାଡିର ତାଳେ ତାଳେ ନାଚି ଉଠନ୍ତି । ବିଭିନ୍ନ ଶୈଳୀରେ ନୃତ୍ୟ ପରିବେଷଣ କରିଥାନ୍ତି । ମଝିରେ ମଝିରେ ବାଜି ଉଠେ ମଇଁଷିର ଶିଙ୍ଘା । ଏହି ଖେଳ ସାଙ୍ଗରେ ଯେଉଁ ଗୀତ ବୋଲିଥାନ୍ତି ତାକୁ ଗୋପାଳଙ୍କ ଓଗାଳ କୁହାଯାଏ । ମହାପ୍ରଭୁ ଅଚ୍ୟୁତାନନ୍ଦଙ୍କ ବୀରଚିତ 'ଗୋପାଳ ଓଗାଳ'ରେ ଗୋମାତାଙ୍କ ମହାତ୍ମ୍ୟ ଗାନ ସାଙ୍ଗକୁ ବାଦ୍ୟର ତାଳେ ତାଳେ ଗୋପାଳମାନେ ପ୍ରତ୍ୟେକ ନିଜର ଡାହାଣ ଓ ବାମ ପାଖରେ ଥିବା ସହଯୋଗୀମାନଙ୍କ ବାଡି ସହିତ ନିଜ ବାଡିକୁ ପିଟି ଯେଉଁ ଶବ୍ଦ ସୃଷ୍ଟି କରିଥାନ୍ତି ତାହା ଅପୂର୍ବ ଝଙ୍କାର ସୃଷ୍ଟି କରିଥାଏ । ଗୋପାଳଙ୍କ ଓଗାଳ ଗାନ ଭିତରେ ରାଧାକୃଷ୍ଣଙ୍କ ପ୍ରେମ ଓ ଗୁଣକୀର୍ତ୍ତନ କରାଯାଇଥାଏ । ଲଉଡି ଖେଳ ସହିତ ଘଣ୍ଟି ଘାଘୁଡିର ରୁମ୍ ଝୁମ୍ ସ୍ୱନ, ଶିଙ୍ଘା ସହିତ ପାଇକାଳି ଖେଳ, ବୀର ଚିତ୍କାର ଓ ରମଣୀ ମାନଙ୍କର ସୁମଧୁର ହୁଳହୁଳି ଶବ୍ଦରେ ଗଗନ ପବନ ପ୍ରକମ୍ପିତ ହୋଇଉଠେ । ସାମରିକ କଳା କୌଶଳ ଗୋପାଳଙ୍କ ଶରୀର ବୀର ରକ୍ତର ପ୍ରବାହକୁ ଆହୁରି ଗତିଶୀଳ କରାଇଥାଏ । ଗୋପାଳଙ୍କ ବଂଶୀ, ଶଂଖ, ଶିଙ୍ଗା, ମର୍ଦ୍ଦଳ,ଘଣ୍ଟାବାଡି ଓ ଘାଗୁଡି ଧ୍ୱନି ସହ ଦଳଗତ ବାଡିଖେଳରେ ରାଧା କୃଷ୍ଣଙ୍କ ମନମତାଣିଆ ଲୀଳା ବର୍ଣ୍ଣନା ଓଗାଳ ଗାନ ଏହି ପର୍ବକୁ ଅଧିକ ମଧୁର ଓ ରସମୟ କରିଦିଏ । ଏହି ନୃତ୍ୟରେ ଜୟ-ପରାଜୟ, ଥଟ୍ଟାପରିହାସ, ଦେବଦେବୀ ବନ୍ଦନା ଆଦି ମନୋରଂଜନର ଉପାଦାନ ପରିପୃଷ୍ଟ ହୋଇଥାଏ । ଜଗମୋହନରୁ ରାଧାକୃଷ୍ଣଙ୍କୁ ପାରମ୍ପରିକ ପୂଜାର୍ଚ୍ଚନା ଓ ଭୋଗ ଅର୍ପଣ ପରେ ମଦନ ମୋହନ ବେଶରେ ସୁସଜ୍ଜିତ ଜରି କାଗଜ, ସୋଲ, ପଳାସ ଫୁଲ ଓ ପାଟକନାରେ ସଜ୍ଜିତ ବିମାନ ହୁକୁମ୍ ଧାବଲ୍ ସ୍ୱରରେ ଢଳି ଢଳି ଗ୍ରାମ ପରିକ୍ରମା କରିଥାଏ । ବିମାନ ସାଙ୍ଗରେ ଅଢେଣୀ, ତରାସ, ଚାମର, ଧ୍ୱଜା, ସଂକୀର୍ତ୍ତନ ସହକାରେ ଗୋପାଳମାନେ ତାଙ୍କ ପ୍ରିୟ ଠାକୁରଙ୍କୁ ସାଙ୍ଗରେ ନେଇ ଚାଲିଥାନ୍ତି । ଶ୍ରୀକୃଷ୍ଣଙ୍କୁ ଗୋପାଳ କୁହାଯାଏ । ତେଣୁ ଏହି ଦୋଳକୁ ଗୋପାଳମାନେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବୋହିନିଅନ୍ତି । ଭଗବାନ ଶ୍ରୀକୃଷ୍ଣ ବସନ୍ତ ଉତ୍ସବର ଆରାଧ୍ୟ ଦେବତା । ନୂତନ ଶିକା, ନୂତନ ବାହୁଙ୍ଗି ଓ କଳସୀ ଭାରରେ ଗୋପାଳମାନେ ପାଣି ବହନ କରି ଗୋଠ ପରିକ୍ରମା କରିଥାନ୍ତି । କୃଷ୍ଣଙ୍କ ଭଜନ, କୀର୍ତ୍ତନ ଗାନ କରି ଫଗୁ ଖେଳନ୍ତି । ଫଗୁଣର ଫଗୁ ଖେଳରେ ପ୍ରକୃତି ପୁରୁଷ ଏକାକାର ହୋଇଯାନ୍ତି । ରାଧାକୃଷ୍ଣ ପ୍ରତ୍ୟେକ ଗୋପାଳ ପରିବାରକୁ ଯାଇଥାନ୍ତି । ରୋଷ ପଟୁଆର ରାଧାକୃଷ୍ଣ ମନ୍ଦିରରେ ପହଞ୍ଚିବା ପରେ ଠାକୁରଙ୍କୁ ବନ୍ଦାପନା କରାଯାଏ । ପ୍ରତ୍ୟେକ ଗୋପାଳ ପରିବାର ଭୋଗ ଥାଳି ସେଠାକୁ ଆଣନ୍ତି । ଲଉଡି ଖେଳାଳି ଓ ବାହୁଙ୍ଗି ବାହକ ଗୋପାଳଙ୍କ ଓଗାଳ ବୋଲି ସାତ ଘେରା ପରିକ୍ରମା କରନ୍ତି । ଠାକୁରଙ୍କୁ ଦକ୍ଷିଣାଭିମୁଖୀ କରି ଝୁଲଣରେ ଝୁଲାଯାଏ । କାରଣ ଶ୍ରୀକୃଷ୍ଣଙ୍କୁ ଦକ୍ଷିଣାଭିମୁଖେ ଦର୍ଶନ କଲେ ସର୍ବପାପ ହରଣ ହୋଇଥାଏ । ଗୋପାଳମାନେ ନିଜ ନିଜର ବାହୁଙ୍ଗୀ ଓ କଳସୀ ଭାର ନେଇ ଘରକୁ ଯାଆନ୍ତି । ତୁଳସୀ ପାଖରେ କଳସୀ ଥାକର ଉପର କଳସୀରୁ କ୍ଷୀର ଢଳାଯାଏ । କ୍ଷୀର କଳସୀ ଅତିକ୍ରମ କରି ଭୂମି ସ୍ପର୍ଶ କରେ । କଳସୀକୁ ଗୋପାଳ କୁଳବଧୂମାନେ ଇଶାଣ କୋଣକୁ ନେଇ ବନ୍ଦାପନା କରନ୍ତି । ରାଧାକୃଷ୍ଣଙ୍କୁ ଦୋଳମଣ୍ଡପକୁ ନିଆଯାଏ । ଉପସ୍ଥିତ ସେବାୟତମାନେ ପ୍ରଭୁଙ୍କ ସେବାକାର୍ଯ୍ୟ ସମାପନ କରିବା ପରେ ଦୋଳିରେ ବିଜେ କରାନ୍ତି । ଭକ୍ତମାନେ ଏହି ମଣ୍ଡପରେ ଠାକୁରଙ୍କୁ ଝୁଲାଇ ଝୁଲାଇ ଆନନ୍ଦ ଉପଭୋଗ କରନ୍ତି । ରାତିରେ ଠାକୁର ଝୁଲଣରେ ଥାଆନ୍ତି । ଏହି ଅବସରର ମେଳଣ ପଡିଆରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜିତ ହୁଏ । ଶତ୍ରୁତା ଓ ବିବାଦ ଭୁଲି ଭାତୃତ୍ୱ, ବନ୍ଧୁତ୍ୱ ଓ ସହଯୋଗର ବାର୍ତ୍ତା ବହନ କରି ଗୋପାଳ ଜାତି ଏକତ୍ର ହୋଇ ଏହି ବାସନ୍ତିକ ମହୋତ୍ସବକୁ ପାଳନ କରନ୍ତି ।

ଦୋଳପର୍ବ ଶ୍ରୀ ଚୈତନ୍ୟଙ୍କ ଦ୍ୱାରା ସମଗ୍ର ମାନବ ଜାତିର ଏକ ଗଣପର୍ବରେ ପରିଣତ ହୋଇଥିଲେ ମଧ ଗୋପାଳମାନଙ୍କର କୌଳିକ ପର୍ବର ମାନ୍ୟତା ପାଇଛି । ଦୋଳପର୍ବ କେବଳ ସୌହାର୍ଦ୍ଦର ପର୍ବ ନୁହେଁ । ଏହା ରାଧା କୃଷ୍ଣ ଉପାସନା ଓ ଗୋପୂଜାର ଏକ ତାତ୍ତ୍ୱିକ ପରମ୍ପରା । ଏହା ଦ୍ୱାରା ଆଧ୍ୟାତ୍ମିକତା ଓ ଗୋମାତା ପ୍ରତି ମାନବ ସମାଜର ସମ୍ମାନ ଓ କୃତଜ୍ଞତା ଉଦ୍ରେକ ହୋଇଥାଏ । ଗୋପାଳ ସମାଜର ଏହି ପାରମ୍ପରିକ ଲଉଡି ଖେଳ କ୍ରମେ ଆଧୁନିକତାର ସ୍ପର୍ଶରେ ଲୋପପାଇଯିବାକୁ ବସିଥିଲେ ହେଁ ଦୋଳ ପୂର୍ଣ୍ଣିମା ଅବସରରେ ଏହି ନିଆରା ବାଡିଖେଳକୁ ଦେଖିବାର ଅପୂର୍ବ ସୁଯୋଗ ମିଳିଥାଏ ।

ଭୁଷଳ, ଭୁବନ, ଢେଙ୍କାନାଳ
ମୋ-୯୪୩୭୭୨୯୩୮୪



ବିବିଧ

# ଦେହି ପଦ ପଲ୍ଲବ ମୁଦାରଂ



ଭାଗ୍ୟଶ୍ରୀ ନନ୍ଦ

ଭକ୍ତକବି ଜୟଦେବ ନିଜର କାଳଜୟୀ ରଚନାରେ ଉପରୋକ୍ତ ଶ୍ଳୋକଟିକୁ ସରଞ୍ଜନା କରିଥିଲେ ଅଥଚ ଶେଷ ଫକ୍ତି, 'ଦେହି ପଦ ପଲ୍ଲବ ମୁଦାରଂ।' ବାକ୍ୟଟିକୁ ଭଗବାନ ନିଜେ ଜୟଦେବଙ୍କ ବେଶରେ ଆସି ଲେଖିଦେଇ ଯାଇଥିଲେ। ଏଠାରେ ଶ୍ରୀରାଧାଙ୍କୁ ଶ୍ରୀକୃଷ୍ଣଙ୍କଠାରୁ ମହନୀୟ ବୋଲି ଦର୍ଶାଯାଇଛି ଏବଂ ଶ୍ରୀରାଧାଙ୍କ ପଦଯୁଗଳକୁ ଶ୍ରୀକୃଷ୍ଣ ନିଜ ମସ୍ତକରେ ରଖିଛନ୍ତି। ଯୁଗେ ଯୁଗେ ପ୍ରମାଣ ରହି ଆସିଛି, ଭଗବାନ ଭକ୍ତବତ୍ସଳ, ଭଗବାନ ଶ୍ରୀକୃଷ୍ଣ ଯେ କେବଳ ଶ୍ରୀରାଧା, ଗୋପୀଗଣଙ୍କର ପଦରଜ ମସ୍ତକରେ ବୋଳି ହୋଇ ଧନ୍ୟ ହୋଇଛନ୍ତି ତାହା ନୁହଁ, ତାଙ୍କର ଅନ୍ତରଙ୍ଗ ସଖା ଦ୍ରୌପଦୀଙ୍କର ପଦରଜ ମଧ୍ୟ ମସ୍ତକରେ ବୋଳି ହେବାର ଆଲେଖ୍ୟ ମହାଭାରତ ରେ ମଧ ଉଲ୍ଲେଖ ଅଛି। ଭଗବାନଙ୍କ ଦ୍ୱାରା ମଧ୍ୟ ନାରୀଜାତି ପ୍ରତି ଏହିପରି ଶ୍ରେଷ୍ଠ ସମ୍ମାନର ଉଦାହରଣ ଯୁଗେ ଯୁଗେ ଦେଖାଯାଇଛି। ନାରୀ ସ୍ରଷ୍ଟାଙ୍କର ଏକ ଅନବଦ୍ୟ ସୃଷ୍ଟି। ସେ ସ୍ରଷ୍ଟା -କେବେ ଜନନୀ, କେବେ ଭଗିନୀ, କେବେ କନ୍ୟା ତ କେବେ ପତ୍ନୀ ରୂପେ ସେ ସମାଜର ସଂରଚନା କରେ। ମାତା ଦୁର୍ଗା ସାଜି ଅନ୍ୟାୟକୁ ଧ୍ୱଂସ କରେ ତ ଆଉ କେବେ ସ୍ନେହମୟୀ ଧରିତ୍ରୀ ସାଜି ସୃଷ୍ଟିର ପ୍ରଳୟଙ୍କରୀ ତାଣ୍ଡବକୁ ନିଜ କୋଳରେ ଲିପ୍ତ କରାଏ। ଶୂନ୍ୟତାରୁ ଆରମ୍ଭ ହୁଏ ଏବଂ ପୂର୍ଣ୍ଣତାରେ ସମାପ୍ତି ହୁଏ।

ନାରୀ ଶୈଶବରେ ପିତା, ଯୌବନରେ ସ୍ୱାମୀ ଏବଂ ବାର୍ଦ୍ଧକ୍ୟରେ ପୁତ୍ର ଦ୍ୱାରା ପରିପାଳିତ ହୋଇଥାଏ। କୌଣସି ସ୍ତ୍ରୀ କେବେ ସ୍ୱତନ୍ତ୍ର ହୋଇ ନଥାଏ। ଯୁଗେ ଯୁଗେ କେବଳ ସମାଜର ଦୃଷ୍ଟିକୋଣରେ, ଇତିହାସ, ବେଦପୁରାଣ ସର୍ବତ୍ର ନାରୀକୁ ସର୍ବଂସହାର ମାନ୍ୟତା ଦେଇ ସବୁକିଛି ସହିବା ପାଇଁ ବାଧ୍ୟ କରାଇ ଆସିଛି ଏବଂ ସମାଜକୁ ପୁରୁଷତାନ୍ତ୍ରିକ କରିଦେଇଛି।

ଯେଉଁଠି ଦାର୍ଶନିକ ଆରିଷ୍ଟୋଟଲଙ୍କ ମତରେ 'ନାରୀ ହେଉଛି ଏକ ଅସଂପୂର୍ଣ୍ଣ ପୁରୁଷ।'

ଠିକ ସେଇଠି, କବିଗୁରୁ ରବୀନ୍ଦ୍ରନାଥ ଟାଗୋର, ନାରୀକୁ ନିଜର ଏକ କବିତାରେ ଗୋଟିଏ ସୁନ୍ଦର ସଂଜ୍ଞା ଦେଇଥିବାର ପ୍ରମାଣ ଦେଖିବାକୁ ମିଳେ,

**'ଆରୋପି ଶରୀରେ ତୁମ ପ୍ରଦୀପ୍ତ ବାସନା,**
**ଅର୍ଦ୍ଧେକ ମାନବୀ ତୁମେ ଅର୍ଦ୍ଧେକ କଳ୍ପନା।'**

କବିଗୁରୁଙ୍କ ନାରୀକୁ 'ଅର୍ଦ୍ଧେକ ମାନବୀ ଆଉ ଅର୍ଦ୍ଧେକ କଳ୍ପନା' ବୋଲି ବ୍ୟାଖ୍ୟାଟି ଆଜିବି ବହୁଳ ଭାବରେ ବ୍ୟବହୃତ। ଏହି ଭିତରେ ନାରୀଟିଏର ମାଧୁର୍ଯ୍ୟ, ସମ୍ମାନ ଅତି ଯତ୍ନ ସହକାରେ ସୁରକ୍ଷିତ ରହିଛି।







ଅହଲ୍ୟା ପାଷାଣୀ ଏବଂ ମାତା ସୀତାଙ୍କ ଅଗ୍ନି ପରୀକ୍ଷାଠାରୁ ଆରମ୍ଭକରି ରାଜସଭାରେ ରଜସ୍ୱଳା ଦ୍ରୌପଦୀଙ୍କ ବସ୍ତ୍ରହରଣ ପର୍ଯ୍ୟନ୍ତ ସର୍ବତ୍ର ନାରୀକୁ ଅବଳା ରୂପେ ଦର୍ଶାଯାଇଛି କିନ୍ତୁ ଭଗବାନଙ୍କ ଦ୍ୱାରା କିପରି ଭାବେ ନାରୀକୁ ସମ୍ମାନିତ କରାଯାଉଥିଲା, ସେ ବାବଦରେ ଆମର ଜ୍ଞାନ ଖୁବ ସ୍ୱଳ୍ପ। ଆମେ ପୁରାଣରୁ କେବଳ ଏକମାତ୍ର ପାର୍ଶ୍ୱ ଦେଖି, ନାରୀକୁ ଅବଳା ଏବଂ ଦୁର୍ବଳାର ସ୍ୱରୂପ ରୂପେ କଳନା କରିଆସିଛୁ ଏବଂ ବୁଝିଆସିଛୁ, ମାତ୍ର ନାରୀ ଯୁଗେଯୁଗେ ବନ୍ଦନୀୟ। ଧରିତ୍ରୀରେ ଥିବା ସମସ୍ତଙ୍କ ମଧ୍ୟରେ ଏକ ପବିତ୍ର ରୂପ ହେଉଛି ନାରୀ।

ସ୍ନେହ, ପ୍ରେମ, ମମତା ଓ ନିଃସର୍ତ୍ତ ଭଲ ପାଇବାର ସେ ଏକ ପାରାବାର। ଦୟା, କ୍ଷମା, ତ୍ୟାଗ ଓ ସହନଶୀଳତାର ଏକ ଅଭିନବ ସମାହାର। ଭାରତୀୟ ସଂସ୍କୃତିରେ ନାରୀକୁ ବିଭିନ୍ନ ରୂପରେ ସମ୍ମାନ ଦିଆଯାଇଛି। ନାରୀର ବଳିଦାନ ଏବଂ ମହନୀୟତାର ଶ୍ରେୟ ଏବଂ ସମ୍ମାନ ତାକୁ ଉଚିତ ରୂପେ ମିଳିପାରିନାହିଁ ବୋଲି କୁହାଯାଉଛି ସତ କିନ୍ତୁ ଗ୍ରାମାଞ୍ଚଳରେ ଏବେ ବି ନାରୀପ୍ରଧାନ୍ୟ ପରିବାର ବହୁଳ ଭାବରେ ଦେଖିବାକୁ ମିଳେ। ଗୃହ ପରିଚାଳନା ଦାୟିତ୍ୱ ନାରୀକୁ ହିଁ ମିଳିଥାଏ ଏବଂ ସେହି କାର୍ଯ୍ୟକୁ ସେ ସୁଚାରୁ ରୂପେ ସମ୍ପାଦିତ କରିଥାଏ।

କବିର କଳ୍ପନା ନାରୀକୁ ନେଇ, ସ୍ରଷ୍ଟାଙ୍କ ସୃଜନୀ ମଧ୍ୟ ନାରୀକୁ ନେଇ। ଏ ସୃଷ୍ଟି ନାରୀକୁ ନେଇ ଏବଂ ବିନାଶ ମଧ୍ୟ ନାରୀକୁ ନେଇ। ସମାଜ, ପରିବାର ଏବଂ ପରିବେଶର ଉନ୍ନତି ନାରୀ ଉପରେ ନିର୍ଭର କରେ। ନାରୀ ଶିକ୍ଷିତ ହେଲେ ପରିବାର ଏବଂ ସମାଜ ମଧ୍ୟ ଶିକ୍ଷାର ଲାଭ ଉଠାଇ ପାରେ। ନାରୀର ମୌଳିକ ଅଧିକାରକୁ ନେଇ ଚର୍ଚ୍ଚା କରିବାପାଇଁ ଆନ୍ତର୍ଜାତିକ ନାରୀ ଦିବସଟିର ପରିକଳ୍ପନା।

ଅନ୍ତର୍ଜାତୀୟ ନାରୀ ଦିବସ ଆରମ୍ଭର ପ୍ରକ୍ରିୟା ୧୮୫୭ମସିହା ମାର୍ଚ୍ଚ ୮ ତାରିଖରେ ଆରମ୍ଭ ହୋଇଥିଲା। ପରେ ପରେ ୧୮୭୦, ୧୮୮୯, ୧୯୧୦, ୧୯୧୧, ୧୯୧୩-୧୪ରେ ନାରୀମାନଙ୍କର ଅଧିକାର ଆଦାୟ କ୍ଷେତ୍ରରେ କିଛି ଉଲ୍ଲେଖଯୋଗ୍ୟ ପରିବର୍ତ୍ତନ ଘଟେ।୧୯୧୩ ଫେବୃୟାରୀ ଶେଷ ରବିବାର ଦିନ ରୁଷିଆର ନାରୀମାନେ ଯୁଦ୍ଧର ବିପକ୍ଷରେ ଓ ସାର୍ବଜନୀନ ଶାନ୍ତି କାମନାପାଇଁ ଏହିଦିନକୁ ଆନ୍ତର୍ଜାତିକ ନାରୀ ଦିବସ ହିସାବରେ ପାଳନ କରନ୍ତି। ଠିକ୍ ତାହାପରେ ମାର୍ଚ୍ଚମାସ ଆଠତାରିଖରେ ଇଉରୋପରେ ଅନେକ ଅଂଚଳରେ ଯୁଦ୍ଧର ବିରୋଧୀତା ଏବଂ ଯୁଦ୍ଧରେ ଲିପ୍ତ ଦେଶଗୁଡ଼ିକର ନାରୀମାନଙ୍କ ସହ ସମର୍ଥନ ଓ ସମବେଦନା ପାଇଁ ନାରୀଦିବସ ପାଳନ କରାଯାଇଥିଲା।

୧୯୧୭ ମସିହା ମାର୍ଚ୍ଚମାସର ଆଠତାରିଖ ପରେ ଯେଉଁ ତାରିଖକୁ ଆନ୍ତର୍ଜାତିକ ନାରୀଦିବସ ହିସାବରେ ସ୍ୱୀକୃତି ଦିଆଯାଇଛି, ସେଇଦିନ ବିଶ୍ୱ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିବାର ପ୍ରାରମ୍ଭ ହୋଇଥିଲା। ବିଶ୍ୱ ପରିପ୍ରେକ୍ଷୀରେ ସେହି ଆଲୋଡନକାରୀ ଘଟଣାଟି ହେଉଛି, ୧୯୧୭ ମସିହାର ଋଷିଆର ବିପ୍ଳବର ବୃତାନ୍ତ ରୂପ ଧାରଣ କରିବାର ଆଦ୍ୟ ପ୍ରକ୍ରିୟା। ଋଷିଆ ଦୀର୍ଘକାଳ ଧରି ସାମାଜିକ ଆଉ ଅର୍ଥନୈତିକ ଦୁଃସ୍ଥିତି ଭୋଗ କରୁଥିଲା । ୧୯୧୪ ମସିହାର ପ୍ରଥମ ବିଶ୍ୱଯୁଦ୍ଧପରେ ତାହାର ଅବସ୍ଥା ଆହୁରି ଶୋଚନୀୟ ହୋଇପଡିଥିଲା । ୧୯୧୭ ବେଳକୁ ଅବସ୍ଥା ଏପରି ଖରାପ ହୋଇଯାଇଥିଲା ଯେ, ଅଧିକାଂଶ ରୁଷୀୟମାନେ ଦିମୁଠା ଖାଇବାକୁ ପାଉ ନଥିଲେ। ବ୍ରେଡ ପାଇଁ ଲମ୍ୱାଧାଡି ଯାହାକୁ 'ବ୍ରେଡ୍ କ୍ୟୁ' ବୋଲି କୁହାଯାଉଥିଲା, ସେଠି ଖଣ୍ଡିଏ ବ୍ରେଡ୍ ସଂଗ୍ରହ କରିବାପାଇଁ ଲୋକମାନଙ୍କୁ ଚାଳିଶଘଣ୍ଟାରୁ ଅଧିକ ସମୟ ଧାଡିବାନ୍ଧି ରହିବାକୁ ହେଉଥିଲା। ଧାଡିରେ ରହି ସେମାନଙ୍କୁ ଶୋଇବାକୁ ହେଉଥିଲା। ଧାଡି ଛାଡିଦେଲେ ଆଉ ବ୍ରେଡ୍ ମିଳିବ ନାହିଁ, ସେମିତି ଏକ 'ବ୍ରେଡ୍ କ୍ୟୁ'ରୁ କ୍ଷୁଧାର୍ତ୍ତ ଲୋକମାନଙ୍କର କ୍ରୋଧ ହଠାତ୍ ଉଦ୍‌ଗୀରଣ ହୋଇଥିଲା। ବିଶେଷରେ ନାରୀମାନେ ମାର୍ଚ୍ଚମାସ ୮ ତାରିଖ, ୧୯୧୭ ଦିନ, ସେଇଠୁ ତତ୍କାଳୀନ ଜାର୍ ଶାସନ ବିରୁଦ୍ଧରେ ପ୍ରତିବାଦ କରିବାକୁ ଆରମ୍ଭ କରିଥିଲେ। ନାରୀମାନେ ଠିଆ ହୋଇଥିବା ଧାଡିକୁ ଛାଡି ଏହାର ପ୍ରତିବାଦରେ ଦଳଦଳ ହୋଇ ସିଟି ସେଣ୍ଟର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ଖାଦ୍ୟପାଇଁ ଏଇ ପ୍ରତିବାଦୀ ଦଳର ସଂଖ୍ୟା ଚାହୁଁଚାହୁଁ ଦଶହଜାରରୁ ଊର୍ଦ୍ଧ୍ୱ ହୋଇଯାଇଥିଲା। ଏହାକୁ ଦମନ କରିବା ପାଇଁ ସେନାବାହିନୀକୁ ଡକାଗଲା, ମାତ୍ର ସେମାନଙ୍କର ପ୍ରତିବାଦର ସମର୍ଥନରେ ସେନାବାହିନୀରୁ ଅନେକେ ନିଜର ପଦତ୍ୟାଗ କରିଥିଲେ ଏବଂ ଏହି ପ୍ରତିବାଦୀ ଦଳରେ ଯୋଗ ଦେଇଥିଲେ। ଏହାର ଫଳସ୍ୱରୂପ ୧୨ ମାର୍ଚ୍ଚ ୧୯୧୭ରେ ଏକ ପ୍ରୋଭିନସିଆଲ ଗଠନ କରାଯାଇଥିଲା ଏବଂ ତାହାର ତିନିଦିନ ପରେ ଅର୍ଥାତ୍ ୧୫ ମାର୍ଚ୍ଚ ୧୯୧୭ରେ ରୁଷିଆର ଶାସକ, ଜାର୍ ନିକୋଲାସ୍ ଦ୍ୱିତୀୟ ନିଜର ରାଜଗାଦୀକୁ ତ୍ୟାଗ କରିବାକୁ ବାଧ୍ୟ ହୋଇଥିଲେ।

୧୯୪୫ରେ ସାନଫ୍ରାନସିସକୋ ଠାରେ ରାଷ୍ଟ୍ରସଂଘ 'ଜେଣ୍ଡର ଇକ୍ୟୁଆଲିଟି' ଚୁକ୍ତିରେ ନାରୀ ଅଧିକାରର ଯୌକ୍ତିକ ଦାବୀଗୁଡିକୁ ଉପସ୍ଥାପନା କରିଥିଲେ। ୧୯୪୭ ମସିହାରେ ରାଷ୍ଟ୍ରସଂଘ ମାର୍ଚ୍ଚମାସ ଆଠ ତାରିଖକୁ ଆନ୍ତର୍ଜାତିକ ନାରୀଦିବସ ହିସାବରେ ପାଳନ କରିବାପାଇଁ ସ୍ୱୀକୃତି ଦେଇଥିଲେ। ଏହି ଦିନଟିର ଆରମ୍ଭ ବିଂଶ ଶତାବ୍ଦୀରୁ ହୋଇଥିଲା। ଧୀରେ ଧୀରେ ଏହା ସାରା ବିଶ୍ୱରେ ଏକ ଆନ୍ଦୋଳନ ଭାବରେ ଦେଖା ଯାଇଥିଲା। ଆନ୍ତର୍ଜାତୀୟ ନାରୀ ଦିବସ ପାଖେଇ ଆସିଲେ ଆମ ସମାଜ, ସରକାର, ପ୍ରଶାସନ ତତ୍ପର ହୋଇଉଠନ୍ତି, ନାରୀକୁ କିପରି ଉଚିତ ସମ୍ମାନ ମିଳିପାରିବ, ଏ ଦିବସଟିକୁ କିପରି ଉଚିତ ଭାବେ ପାଳନ କରିହେବ। ଯଦି ଏ ପ୍ରୟାସ କେବଳ ଦିନଟିଏ ପାଇଁ ନହୋଇ ସଦାସର୍ବଦା ପାଇଁ କରାଯାଆନ୍ତା, ହୁଏତ ନାରୀଜାତିର କଲ୍ୟାଣ ହୁଅନ୍ତା। ନାରୀ ଜାତିର ସମ୍ମାନ ପାଇଁ କେବଳ ଗୋଟିଏ ଦିନ ପ୍ରଯୁଜ୍ୟ ବୋଲି ଭାବିବା ଉଚିତ ନୁହେଁ। ନାରୀଙ୍କ ସମ୍ମାନ ପାଇଁ ପ୍ରତ୍ୟେକ ଦିନ ମହତ୍ୱପୂର୍ଣ୍ଣ। ନାରୀ ସୁରକ୍ଷା ଏବଂ ନାରୀ ଶିକ୍ଷା କେବଳ କାଗଜ ଏବଂ କଲମ ମଧ୍ୟରେ ସୀମିତ ନରହି ସବୁ ସ୍ତରରେ ତିଆରି ହେଉ।

**'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ।**
**ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ରାଫଳାଃ କ୍ରିୟାଃ ?'**

ଯାହାର ଅର୍ଥ ହେଉଛି, ଯେଉଁଠାରେ ନାରୀଙ୍କୁ ଉଚିତ ସମ୍ମାନ ମିଳେ, ସେଠାରେ ସର୍ବଦା ଦେବତାମାନେ ବାସ କରିଥାଆନ୍ତି, ଯେଉଁଠି ନାରୀମାନଙ୍କୁ ପୂଜା କରାଯାଏ ନାହିଁ, ସେଠାରେ ସମସ୍ତ କର୍ମ ଫଳହୀନ ହୋଇଯାଏ। ଆଜିବି ପ୍ରତ୍ୟକ ଦିନ ବଧୂହତ୍ୟା ନଚେତ ବଧୂ ଆତ୍ମହତ୍ୟା ଦେଖିବାକୁ ମିଳୁଛି। ପ୍ରତିଦିନ ଆମ ଅଜାଣତରେ କେତେ ଯେ ନିର୍ଭୟା ବଳାତ୍କାରର ଶୀକାର ହଉଛନ୍ତି ତା'ର ସଠିକ ହିସାବ ଦେବା କାଠିକର ପାଠ। ସାମ୍ପ୍ରତିକ ସମାଜରେ, ମାଟି ଠୁ ଆକାଶ, ପ୍ରତିଟି କ୍ଷେତ୍ରରେ ନାରୀଟିଏ, ପୁରୁଷଙ୍କ ସମକକ୍ଷ ହୋଇ ଚାଲିଛି ସତ, କିନ୍ତୁ ନାରୀ ନିର୍ଯ୍ୟାତନାର ଖବର ହ୍ରାସ ପାଉନାହିଁ। ନାରୀ ସଶକ୍ତିକରଣ ପାଇଁ ସରକାରଙ୍କ ଦ୍ୱାରା ଏତେ ଆଇନ ପ୍ରଣୟନ କରାଯିବା ସତ୍ତ୍ୱେ, ନାରୀ ଘରର ଚାରିକାନ୍ଥ ମଧ୍ୟରେ, କାର୍ଯ୍ୟାଳୟ ପରିସରରେ ଶାରୀରିକ ଓ ମାନସିକ ନିର୍ଯାତନା ସମ୍ମୁଖୀନ ହେବାକୁ ପଡୁଛି। ବଡ଼ କଥା ହେଲା ନାରୀଟିଏ ନାରୀର ଶତ୍ରୁ ହୋଇ ଠିଆ ହେଉଛି। ପରିବାରରେ ଶାଶୁ ବୋହୂ ପାଇଁ, ଭାଉଜ ନଣନ୍ଦ ପାଇଁ, ନଣନ୍ଦ ଭାଉଜ ପାଇଁ କି ବୋହୂ ଶାଶୁ ପାଇଁ, ଯାଆ ନିଜ ଯାଆ ପାଇଁ ହିଂସା ଆଚରଣ କରି ପାରିବାରିକ ମୂଲ୍ୟବୋଧରେ ଅବକ୍ଷୟ ଆଣି ଦେଉଛନ୍ତି। ଅନୁରୂପ ଭାବରେ ପୁରୁଷ ସହକର୍ମୀ ଯେତିକି ଈର୍ଷାକାତର ହୁଏନାହିଁ ତା'ର ନାରୀ ସହକର୍ମୀ ପାଇଁ ଅଧିକ ଈର୍ଷା ପରିଦୃଷ୍ଟ ହୁଏ ନାରୀ ସହକର୍ମୀଙ୍କ ମଧ୍ୟରେ। ନିଜ ଭିତରର ଶକ୍ତିକୁ ଚିହ୍ନି ତାର ସଠିକ ଉପଯୋଗ କରି ନାରୀଟିଏ ଯଦି ନାରୀମାନେ ମାଆ, ଭଉଣୀ, କନ୍ୟା, ବାନ୍ଧବୀକୁ ଯଥାଯଥ ସମ୍ମାନ ଦେଇପାରିବ ତେବେ ସମାଜରେ କିଛି ସୁଧାର ଆସିବା ସମ୍ଭବ ହୋଇପାରିବ। ନାରୀଟିଏ ନିଜର ମର୍ଯ୍ୟାଦା, ସଂସ୍କୃତି ଏବଂ ସଂସ୍କାରର ସୀମାରେଖା ନିଜେ ନିର୍ଣ୍ଣୟ କରିବା ଉଚିତ। ଏଇ ପରିବର୍ତ୍ତିତ ସମାଜରେ, ଆମେ ଆଧୁନିକତାର ଚିନ୍ତାଧାରାକୁ ଆପଣେଇବା ନେବା ଉଚିତ, କିନ୍ତୁ ଏ ଆଧୁନିକୀକରଣ ଯେପରି ଆମ ବିପତ୍ତିର କାରଣ ନ ହେଉ ସେଥିପ୍ରତି ଆମକୁ ଧ୍ୟାନ ଦେବାକୁ ପଡିବ। ଆଧୁନିକତାର ଦ୍ୱାହି ଦେଇ ଅନ୍ଧଭାବେ ନିଜର ଆଚରଣ, ଉଚ୍ଚାରଣ, ବସ୍ତ୍ର ପରିଧାନକୁ ଭୁଲି ନଯିବା ଉଚିତ। ନିଜ ସୁରକ୍ଷା ଏବଂ ନିଜ ସମ୍ମାନକୁ ରକ୍ଷା କରିବାର ମଙ୍ଗ ନାରୀକୁ ହିଁ ଧରିବାକୁ ପଡିବ। ନାରୀଟିର ରୂପ, ଲାବଣ୍ୟ ଏବଂ ମାଧୁର୍ଯ୍ୟ, ଔଦ୍ଧତ୍ୟର ବଶବର୍ତ୍ତୀ ନହୋଇ, ଲେଖକର ଲେଖନୀ, କବିର କଳ୍ପନା ଏବଂ ବିସ୍ମୟ ମଧ୍ୟରେ ସୀମିତ ହୋଇ ରହିଲେ ଆମ ସମ୍ମାନ ଆହୁରି ଉର୍ଦ୍ଧଗାମୀ ହେବ, ତା ସହ ସଞ୍ଚରିତ ହେବ ଆଗାମୀ ଭବିଷ୍ୟତ ନିର୍ମାଣର ଉଚିତ ମାର୍ଗ।

ଭି ଏସ ଏସ ନଗର,
ମୋ-୯୪୩୭୭୬୩୪୯୧

ଅପେରା ଆଇଟମ୍
ଶ୍ରୀଗୋବିନ୍ଦ

# ଯାତ୍ରା ପାଇଁ ଯାତରା



ଯାତ୍ରା ପାଇଁ ଯାତରା ଚାଲିଛି ବୋଲି ଏବେ ଦର୍ଶକ କହୁଛନ୍ତି। କଥାଟା ହେଲା ଯାତ୍ରା ଜଗତର ଭିତିରି କଥା। ମାଲିକ-କଳାକାର ଯେଉଁ ପ୍ରକାର ଆରୋପ ପ୍ରତ୍ୟାରୋପ କରୁଛନ୍ତି ପରସ୍ପରକୁ ତେବେ ଦର୍ଶକ ଏସବୁ ଦେଖି ଯାତ୍ରା ପ୍ରତି ବିତୃଷ୍ଣା ଆଣିବାକୁ ବାଧ୍ୟ ହେଉଛନ୍ତି। କଳା ପ୍ରଦର୍ଶନ ପାଇଁ ଯାତ୍ରା ଯେମିତି ଥିଲା ପ୍ରକୃଷ୍ଟ ମାଧ୍ୟମ, ଆଜି ତାହା ଅନେକ ଘଟଣାକୁ ନେଇ କଳଙ୍କିତ ହେବାକୁ ଲାଗିଛି। କଳାକାରଙ୍କ ପ୍ରତି ହେଉ ଅବା ମାଲିକଙ୍କ ପ୍ରତି ହେଉ, ଦର୍ଶକମାନଙ୍କର ଯେମିତି ଭଲ ପାଇବା ଥିଲା ଆଜି କ୍ରମଶଃ ହ୍ରାସ ହେବାରେ ଲାଗିଛି। ତାହାର କାରଣ ହେଲା, ଏଇ କିଛିଦିନ ତଳେ ଜଣେ ଯାତ୍ରା କଳାକାରଙ୍କର ପାରିଶ୍ରମିକ ଓ ପାର୍ଟି ବଦଳକୁ ନେଇ ସାରା ଓଡ଼ିଶାରେ ଚର୍ଚ୍ଚା ଲାଗିଥିଲା। ତାହା ସମାଧାନ ହେଉ ହେଉ ପୁଣି ଅଭିଯୋଗ ଆସିବା ଓ ସେହି ନିର୍ଦ୍ଦିଷ୍ଟ କଳାକାରଙ୍କୁ ଦୋଷାରୋପ କରିବା ଘଟଣା ମଧ୍ୟ ବେଶ ରୋଚକ ଖବର ହୋଇଯାଇଛି। ଏଇଠି କଥା ଉଠୁଛି, କେବଳ ଜଣେ କଳାକାର କଣ ଏଥିପାଇଁ ଦାୟୀ। ଏହା ସହିତ ଆଉ କାହାର ସଂପୃକ୍ତି ନାହିଁ। ନିଜ ପାର୍ଟିରେ ଭଲ କଳାକାର ରଖିବା, ଯାତ୍ରା ସିଜନରେ ଭଲ ବ୍ୟବସାୟ କରିବା ଲକ୍ଷ୍ୟରେ ଯଦି ମାଲିକମାନେ କୁଳ ଲଙ୍ଘି ଯାଉଛନ୍ତି, କଳାକାରମାନେ କିଛି ଭୁଲ ଯଦି କଲେ, ଏଥିରେ ଅସୁବିଧା କଣ ? କଳାକରଙ୍କୁ ମୁହଁବଢ଼ା କିଏ କରିଥିଲା। ସେମାନେ ଯଦି ଅଧିକ ଡିମାଣ୍ଡ କଲେ କିମ୍ଵା କିଏ ଯଦି ତାଙ୍କୁ ଅଧିକ ଦେଲା, ପାର୍ଟି ବଦଳେଇବାରେ ଅସୁବିଧା କେଉଁଠି ? ଯଦି ଏକଥା ଠିକ ନୁହେଁ, ଯାତ୍ରା ମାଲିକମାନେ ନିଜର ଯେଉଁ ସଂଘ କରିଛନ୍ତି, ତା ମାଧ୍ୟମରେ ଆପୋଷ ଆଲୋଚନା ହୋଇ କଳାକାର ଚୟନ କଲେ କ୍ଷତି କଣ ହୁଅନ୍ତା ? ନା, କଥା ଏଠିନାହିଁ, ବରଂ ମାଲିକ ମାଲିକଙ୍କ ମଧ୍ୟରେ ଯେଭଳି ଛକାପଞ୍ଝା ଚାଲିଥାଏ, ସେଭଳି ମଧ୍ୟ କଳାକାରଙ୍କ ମଧ୍ୟରେ ଚାଲିଥାଏ। ମାଲିକମାନେ ଭାବିଥାନ୍ତି, ଯଦି ସେହି ନିର୍ଦ୍ଦିଷ୍ଟ କଳାକାରକୁ ଆଗାମୀ ସିଜନ୍ ପାଇଁ ପାର୍ଟିରେ ସାମିଲ କରାଯାଏ, ପାର୍ଟି ତ ଭଲ ଚାଲିବ, ମାର୍କେଟରେ ବେପାର କରିବା ସହିତ ଡିମାଣ୍ଡ ବି ରହିବ। ଏହି ନ୍ୟାୟରେ ସେମାନେ ଭିତିରିଆ ଭାବରେ କଳାକାରଙ୍କର ପାରିଶ୍ରମିକ ବୃଦ୍ଧି କରି ବିଭିନ୍ନ ଅଫର ଦେବା ଓ ଭିତରେ ଭିତରେ ଆଡଭାନ୍ସ ଦେଇ ବୁକିଂ କରିବା ମାଲିକଙ୍କର କେଉଁ ପ୍ରକାର କାରସାଦୀ କହିଲେ ? ମାଲିକମାନେ ଯଦି ଏଭଳି ଆଚରଣ କରିପାରିଲେ, କଳାକାରମାନେ କାହିଁକି ନକରିବେ। କେବଳ ଅଭିଯୋଗ ଆସିଥିବା ନିର୍ଦ୍ଦିଷ୍ଟ କଳାକାର ନୁହନ୍ତି, ଯାତ୍ରା ଜଗତରେ ଏମିତି ଅନେକ କଳାକାର ଅଛନ୍ତି, ଯେଉଁମାନଙ୍କର ଡିମାଣ୍ଡ କାହିଁରେ କଣ ରହିଛି, ସେମାନଙ୍କୁ ମାଲିକମାନେ ଏଭଳି ଲୋଭର ବଶବର୍ତ୍ତୀ କରାନ୍ତି, ସେମାନେ ବାଧ୍ୟ ହୋଇ ପାର୍ଟି ପରିବର୍ତ୍ତନ କରନ୍ତି। ଏହି ଘଟଣା ଯେତେବେଳେ ଅଧିକ ହୋଇଯାଏ, ସେତେବେଳେ ସମସ୍ତେ କଳାକାରଙ୍କ ଉପରେ ଦୋଷ ଲଦି ଦିଅନ୍ତି। ବାସ୍ତବରେ ଦେଖିବାକୁ ଗଲେ, ଗୋଟେ ହାତରେ ତାଳି ନବାଜିବା ପରି କଳାକାର ଏଭଳି ଘଟଣା ପାଇଁ ଯେତିକି ଦାୟୀ ନୁହନ୍ତି ମାଲିକମାନେ ଅଧିକ ଦାୟୀ।






'ନିତିଦିନ'ର ରବିବାର କ୍ରୋଡ଼ପତ୍ର 'ନଜର'କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ-
'ନଜର', ସଂପାଦକ, ନିତିଦିନ, ସେଡ୍ ନଂ-ଟିଏସ୍୨/୨୧୦/ଏ, ସେକ୍ଟର-ଏ, ଜୋନ୍-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, mail-nitidinnazar@gmail.com